ମୋ ବର୍ଣ୍ଣବୋଧରେ ୫୦୦ ଅକ୍ଷର

Digitized by srujanika@gmail.com

ମୋ ବର୍ଣ୍ଣବୋଧରେ
୫୦୦ ଅକ୍ଷର !!

ବିନୋଦ କାନୁନ୍‌ଗୋ

Digitized by srujanika@gmail.com

© BINODE KANUNGO

Specially prepared for the children of Orissa as a low priced edition. Approved by the Govt. of Orissa for distribution under the Operation Blackboard Scheme.

ମୋ ବର୍ଣ୍ଣବୋଧରେ ୫୦୦ ଅକ୍ଷର

MO BARNABODHARE 500 AKHYAR

ଜ୍ଞାନମଣ୍ଡଳ ଫାଉଣ୍ଡେସନ୍, ବାରବାଟୀ ଷ୍ଟାଡ଼ିୟମ୍,
କଟକ-୭୫୩୦୦୫ଙ୍କ ଦ୍ୱାରା ପ୍ରକାଶିତ ଓ ମୁଦ୍ରିତ ।

Published and Printed by Jnanmandal Foundation,
Barabati Stadium, Cuttack-753005

ମୂଲ୍ୟ · 2·50 P.

Digitized by srujanika@gmail.com

"ମୁଁ ଛ' ବର୍ଷର ପିଲାଟିଏ !"

ଗଲା ବର୍ଷକ ଭିତରେ ହରିବାବୁ ଖୁବ୍ ଝଡ଼ି ଯାଇଛନ୍ତି । ତାଙ୍କୁ ଯିଏ ଦେଖୁଛି ପଚାରୁଛି—"ଦେହ କଅଣ ଖରାପ ଥିଲା କି ?" ସମସ୍ତଙ୍କୁ ତାଙ୍କର ସେହି ଗୋଟିଏ ଉତ୍ତର—"ନାଁ, ମୁଁ ତ କିଛି ଜାଣି ପାରୁନାହିଁ, ବେଶ୍ ଭଲ ଅଛି" । ସେଥିରେ ସନ୍ତୁଷ୍ଟ ନହୋଇ ଜଣେ ଯଦି କହୁଛି—"ଆପଣ ସିନା ଜାଣି ପାରୁନାହାନ୍ତି, ଦେହଟା ଶୁଖିଯାଇଛି", ତାକୁ ସେ ବୁଝାଉଛନ୍ତି—"ମୁଁ ତ ଦିନକୁ ପନ୍ଦର ଘଣ୍ଟା ଲେଖାଁ ଧଡ଼ାପଡ଼ି କରୁଛି । ଦେହ ଖରାପ ଥିଲେ କ'ଣ ଏମିତି କରି ପାରନ୍ତି ?" ସେଥିରେ ଯଦି ତାହାର ମନ ନ ମାନିଲା ତାକୁ ବୁଝାଇ କହୁଛନ୍ତି—"ହୋଇଥାଇପାରେ—କିନ୍ତୁ ସକାଳ ଛ'ଟାରୁ ରାତି ଦଶଟା ପର୍ଯ୍ୟନ୍ତ ବରାବର କାମରେ ଲାଗି ରହିଥିବାରୁ ମୋ ଦେହ କଥା ବୁଝିବାକୁ ହୁଏତ ବେଳ ପାଉନାହିଁ ।"

ସେ ଯେତେ ପ୍ରକାରରେ ବୁଝାନ୍ତୁ ପଛକେ ତାଙ୍କ ଦେହ ଭଲ ନାହିଁ ବୋଲି ସମସ୍ତେ ଧରିନେଇଛନ୍ତି । ତା' ସଙ୍ଗେ ସଙ୍ଗେ ଅବଶ୍ୟ ସେମାନଙ୍କ କଥାବାର୍ତ୍ତା ହେଉଛନ୍ତି—"ବୟସ ତ ତାଙ୍କର ହୋଇଗଲାଣି । ପୂର୍ବେ ଲୋକ କହୁଥିଲେ କଳସଠା ଷାଠିଏ । ସେତିକି ବର୍ଷ ହୋଇଗଲା ପରେ ଜଣେ ଯଦି ମରିଯାଉଥିଲା ଲୋକେ ଦୁଃଖ କରୁଥିଲେ ସିନା—ଆଶ୍ଚର୍ଯ୍ୟ ହେଉ ନଥିଲେ । ହଁ—ବୁଢ଼ା ତ ହୋଇଥିଲେ, ସଂସାରରୁ ଭଲେ ଭଲେ ବିଦାୟ ନେଇଗଲେ । ସବୁଦିନ ପାଇଁ କ'ଣ ତମ୍ବା ପାତିଆରେ ମୁଣ୍ଡ ବାନ୍ଧିଥାଆନ୍ତେ କି ! ହରିବାବୁଙ୍କୁ ଆଉ ଦି' ବର୍ଷରେ ପଚସ୍ତରି ପୂରିବ । ଜୀବନରେ ବହୁତ କିଛି ଖଟିଛନ୍ତି, କାମ କରିଛନ୍ତି । ସବୁଦିନେ ତ ଏକାଭଳି ନଥାନ୍ତେ ।"

ଆଜି କିନ୍ତୁ ତାଙ୍କୁ ଯିଏ ଦେଖୁଛି ସେ କାବା ହୋଇଯାଉଛି । ତେସ୍ତରି ବର୍ଷର ବୁଢ଼ା କଥାବାର୍ତ୍ତା କରୁଛନ୍ତି ପିଲାଙ୍କ ଭଳି । ତାଙ୍କ ଚେହେରାରେ

Digitized by srujanika@gmail.com

ମନରେ କୋଣସି ପରିବର୍ତ୍ତନ ହୋଇଯାଇଛି । ମୁଣ୍ଡ ବାଳ ଧଳା ହୋଇଯିବାରୁ ସେ ଆଉ ବୟସ ଲୁଚାଇ ପାରୁନାହାନ୍ତି—କିନ୍ତୁ କଥା ...ରେ ଭରପୂର ଛନ୍ତି ପିଲାପଣିଆ । ଯାହା ସଙ୍ଗରେ କଥାବାର୍ତ୍ତା କରୁଛନ୍ତି ତାଙ୍କୁ କହୁଛନ୍ତି ମୋର ବୟସ ମାତ୍ର ଛଅ—ଆଉ କେଇ ଦିନ ପାଠକୁ ଯିବି । ତାଙ୍କ କଥା ଶୁଣି ଗୋଟାଏ ହସ ଲାଗି ଯାଉଛି । ପିଲାବେଳର ବନ୍ଧୁ ଜଣେ ସାଙ୍ଗ ସେ କଥା ଶୁଣି କହିଲେ—"କିରେ ହରି, ତୋ ମୁଣ୍ଡ ଖରାପ ହୋଇଗଲାଣି କି ?"

ସିଏ କାହିଁକି ଚିଡ଼ିଏ ହେଲେ ହବପାଆନ୍ତେ ? ଆଉରି ଜୋର ଦେଇ କହିଲେ—"ତୁ ଓ ମୁଁ ତ ଛ'ବର୍ଷ ବେଳୁ ସାଙ୍ଗ ହୋଇଛେ । ତୋର ମନେ ନାହିଁ ଆମ ପାଇଁ ଦି'ଖଣ୍ଡ ମଧୁ ବର୍ଣ୍ଣବୋଧ କଣା ହୋଇ ଅଥିଲା ? ଦି'ଜଣଯାକ ଭାରି ଖୁସି ହୋଇଗଲେ । ଅବଧାନଙ୍କ ପାଖରେ ପାଠ ପଢ଼ା ଆରମ୍ଭ ହୋଇଥିଲା । ମାଟି ଖଡ଼ିରେ ଆମେ ଲେଖୁଥିଲେ ? ତୋ ଅକ୍ଷର ଗୋଲ୍ ଗୋଲ ହେଉଥାଏ । ମୋର ସେମିତି ନହେବାରୁ ଅବଧାନଙ୍କ ଠାରୁ ବେତମାଡ଼ ଖାଏ । ମତେ ଲାଜ ଦେବା ପାଇଁ ଅବଧାନେ ତୋତେ କହନ୍ତି ପରି ତା'ହାତ ଧରି ଟିକେ ଲେଖାଇ ଦେ । ମନେନାହିଁ ? ମନେ ପକା, ମୁଁ ସତ କହୁଛି କି ନାହିଁ ।

ତାଙ୍କ ପିଲାଦିନର ସାଙ୍ଗ ଖୁବ ହସି ପକାଇ କହିଲେ— ତୋର ସେ କାଳର ଏତେକଥା ମନେଅଛି ? ମୁଁ ତ ଭୁଲିଗଲିଣି । ତୁ ବାଁକୁ



ନେଇ ଲେଖି ପାରୁନାହୁଁ ବୋଲି ତୋ ଅକ୍ଷର କରଣୀ ଭଳି

Digitized by srujanika@gmail.com

ଦେଖାଯାଏ । କିନ୍ତୁ ପିଲାଦିନୁ ତୁ ତ ବଡ ବଡ଼ ଅକ୍ଷର ଲେଖିବାରୁ ସମସ୍ତେ ଚଢ଼ି ଯାଆନ୍ତି । ଜଣ ଜଣକର ଅବଶ୍ୟ ଅସୁବିଧା ହୁଏ । ଆଚ୍ଛା, ସେ କଥା ଛାଡ଼ିଦେ । ଆଜି କାହିଁକି ତୋ ମୁଣ୍ଡରେ ହଠାତ୍ ପଶିଗଲା ତୋ ବୟସ ମୋଟେ ଛ’ କି ସାତ ?

ତାଙ୍କ ପାଟିରୁ କଥା ନ ସରୁଣୁ ଇଏ କହିଉଠିଲେ, —ଦି’ଦିନ ତଳେ ଗୋଟାଏ ନୂଆ ବର୍ଣ୍ଣବୋଧ ଦେଖିଲି । ସେଥିରେ ପାଞ୍ଚଶହଟା ଅକ୍ଷର । ଆମ ମଧୁ ବର୍ଣ୍ଣବୋଧରେ ମୋଟେ ସତଚାଳିଶଟି ଅକ୍ଷର ଅଛି । ଇଂରାଜୀ ବର୍ଣ୍ଣବୋଧରେ ମାତ୍ର ଛବିଶଟି । କିନ୍ତୁ ପାଞ୍ଚଶହ ଅକ୍ଷର ଥିବା ବର୍ଣ୍ଣବୋଧ କଥା ତ ମୋ କାନ ଶୁଣି ନଥିଲା । ସତ କହୁଛି—ମୋ ଆଖିକୁ ମୋଟେ ବିଶ୍ୱାସ କରି ପାରିଲି ନାହିଁ । ମୁଁ ସତ ମଣୁ ନଥାଏ ବୋଲି କ’ଣ ଅକ୍ଷର ଗୁଡ଼ାକ ଲୁଚି ଯାଆନ୍ତି ? ଜଳ ଜଳ ହୋଇ ଦିଶୁଥାଆନ୍ତି ! ସେଇଥି ପାଇଁ କହିଲି ମୋ ବୟସ ସେହି ପିଲାଦିନର ବର୍ଣ୍ଣବୋଧ ପଢା ବେଳକୁ ଫେରିଯାଇଛି । ଏଇ ଦି’ ଦିନ ଭିତରେ ମୋ ଚେହେରା ବଦଳି ଯାଇଛି । ମୋ ଦେହରେ ସତେ ଯେପରି କି କିଛି ହେଲେ ରୋଗ ବଇରାଗ ନାହିଁ । ମୋତେ ଯିଏ ଦେଖୁଛି ସିଏ କହୁଛି—ଆପଣ କଅଣ ଗୋଟାଏ ଯୁବକ ହୋଇ ଯିବେ କି ?

ଆମ ଘରେ ଟିକିଏ ବସିଯା

ଦି’ପିଲାଦିନର ସାଙ୍ଗ ଓ ଆଜି ଦୁଇଜଣ ଶିଆଁ ଲୋକ ଏମିତି କଥାବାର୍ତ୍ତା ହୋଇ ଯାଉଥିଲା ବେଳେ ଖାରବାବୁ କହିଲେ—ହେ ହରି, ହେଇ ତ ଆମ ଘର ଦେଖାଗଲାଣି । ଚାଲ, ଚାରିଜଣ ଯାକ ସେଇଠି ଟିକିଏ ବସିଯିବା । ତୁ ବୋଧହୁଏ ଏଇ ଦଶ ବର୍ଷ ଭିତରେ ଆମ ଘରକୁ କେବେହେଲେ ଆସିନାହୁଁ । ପିଲାଏ ତୋତେ ଦେଖିବେ.। ତୁ ସେମାନଙ୍କ ମୁଣ୍ଡରେ ଟିକିଏ ହାତ ବୁଲାଇ ଦେଇ କଲ୍ୟାଣ କରିବୁ । ଏଇ ଦି’ବାବୁ ମଧ୍ୟ ଚାଲନ୍ତୁ ।

ହରିବାବୁ ଆଉ ନାହିଁ କରନ୍ତେ କେମିତି ? ଆଉ ଦି’ଜଣଙ୍କ ପରିଚୟ ଖାରବାବୁଙ୍କୁ ଦେଇ କହିଲେ—“ଇଏ ପରା ଆମ ସାଙ୍ଗ

Digitized by srujanika@gmail.com

ବିପିନର ପୁଅ । ଏମ୍. ଏ. ପାଶ୍ କଲାପରେ କଲେଜ ଅଧ୍ୟାପକ ହୋଇଛି । ସିଏ ହେଉଛି ତାହା ସାଙ୍ଗ । ରେଡ଼ିଓରେ ତା' ସ୍ୱର ଶୁଣିନାହଁ ? କେଡ଼େ ସୁନ୍ଦର ଗୀତ ବୋଲେ !" ସାରବାବୁଙ୍କ ଛାତି କୁଣ୍ଢେମୋଟ ହୋଇଗଲା ଏକଥା ଶୁଣି । ହସି ହସି କହିଲେ—ଏଁରେ ଦେଖ, ବିପିନଟା ଏଡ଼େ ଚଗଲା ଥିଲା । ତା ପୁଅ ହୋଇ ଇଏ କେଡ଼େ ଶାନ୍ତ ଦେଖାଯାଉଛି ! ମୋର ଭାଗ୍ୟ ବିପିନ ପୁଅ ମୋ ଘରକୁ ଆସିଲା ।

ପିଲାଏ ଜମି ଯାଉଛନ୍ତି

ଏମାନେ ପହଞ୍ଚିଲା ବେଳକୁ ସାରବାବୁଙ୍କ ଘରେ ଭିଡ଼ ଜମି ଯାଇଛି । ତାଙ୍କ ନାତି ମାଟ୍ରିକ ପରୀକ୍ଷା ଦେଇ ଫେରିଥାଏ । ତା'ସାଙ୍ଗରେ ଚଉଦ ପନ୍ଦର ଜଣ ପିଲା । ଯେଉଁ ବିଷୟ ମୋଟେ ପଢାଯାଇନାହିଁ ସେଇଥିରୁ ଗୁଳା ଆସିଛି ପ୍ରଶ୍ନ । ସ୍କୁଲରେ ଶିକ୍ଷକ ପଢାବହିରୁ ସେଇ ଅଧ୍ୟାୟଟି ଆଦୌ ପଢାଇଲେ ନାହିଁ । କହିଲେ—"ଏଇଟା ଭାରି କଷ୍ଟ ବିଷୟ ହୋଇଥିବାରୁ ପରୀକ୍ଷାରେ କେବେହେଲେ ପ୍ରଶ୍ନ ଆସେ ନାହିଁ ।" କିନ୍ତୁ ସେଇଥିରୁ ଗୁଳା ଆସିଛି କୋଡ଼ିଏ ନମ୍ବର । କେହି ଭଲ କରି ଉତ୍ତର ଲେଖି ନାହାନ୍ତି । ମୁହଁଟିମାନ ଶୁଖାଇ ସାଙ୍ଗସୁଙ୍ଗା ହୋଇ ଆସିଛନ୍ତି ।

"ସମସ୍ତେ ଏଇ ବାବୁଙ୍କୁ ପ୍ରଣାମ କର" ବୋଲି ସାରବାବୁଙ୍କ ପାଟିରୁ ବାହାରୁ ବାହାରୁ ପିଲାମାନେ ଦଣ୍ଡବତ ହୋଇ ପଡ଼ିଲେ । ନାତିଟିକୁ ପାଖକୁ ଡାକି ମୁଣ୍ଡରେ ଟିକିଏ ହାତ ବୁଲେଇ ଦେଲେ । ତାହାପରେ ପ୍ରତ୍ୟେକ ପିଲାକୁ ପାଖକୁ ଡାକି ସେମିତିକା କରି ସାରିଲା ପରେ କହିଲେ—"ଦେଖ, ତୋତେ ଗୋଟାଏ କଥା କହିବି । ଆଜିକାଲି ମୋର ଏମିତି ଗୋଟାଏ କଅଣ ମନ ହୋଇଯାଉଛି—ଏଇ ବୟସର ସବୁ ପିଲାଗୁଡ଼ାକ ମୋ ନିଜ ନାତି ନାତୁଣୀଙ୍କ ଭଳି ଦେଖା ଯାଉଛନ୍ତି । ହେନେ ମନକୁ ବୁଝାଇ ଦେଲି ସେମିତି ତ ହେବା ଉଚିତ । ହେଇ ଦେଖିଲୁ ମଲ୍ଲିଫୁଲ ଫୁଟିଛି । ଜଣେ ଯଦି ପଚାରିବ ଏହି ଫୁଲର କେଉଁ ପାଖୁଡ଼ାଟି ଅଧିକ ସୁନ୍ଦର ଆମେ କହି ପାରିବା ? ସବୁ ପାଖୁଡ଼ାତ ସମାନ ସୁନ୍ଦର ଦେଖାଯାଉଛନ୍ତି । ସେମିତି ଆମେ ବୁଢାମାନେ ଆଉ କଅଣ ମୋ ନାତିଟି

Digitized by srujanika@gmail.com

ବେଶୀ ସୁନ୍ଦର – ସେଇ ପିଲାଟି କମ୍ ସୁନ୍ଦର ଏମିତି ଭାବି ପାରିବା ? ଆମ ଦୃଷ୍ଟିରେ ସମସ୍ତେ ତ ଏକା ଭଳି । ନୁହେଁ ?

ସାରବାବୁ କେବଳ ଏତିକି କହିଲେ—"ଆମେ ସବୁ ତ ଗୋଟିଏ କୁଟୁମ୍ବ ଭିତରେ ବାନ୍ଧି ହୋଇରହିଛୁ । ତେଣୁ ମୋ ନାହିଁ ତା'ନାହିଁ ବୋଲି ଭାବୁଛୁ । ତୁ ଜୀବନଟା ଯାକ କଟାଇ ଦେଲୁ ଅନ୍ୟମାନଙ୍କ ମଙ୍ଗଳପାଇଁ କଷ୍ଟ କଷ୍ଟ କାମ କରି । ତେଣୁ ତୋ ପାଟିରୁ ଏମିତିକା କଥା ବାହାରି ପଡ଼ିଲା । ଆଜି ତୋ ଠାରୁ ଗୋଟାଏ ଭଲ କଥା ଶିଖିଲି । ହଉ, ଆଜି ଗୋଟାଏ ଭଲ ଦିନ । ସବୁ ପିଲା ତୋ ପାଖରେ ବସି ଟିକିଏ ଜଳଖିଆ ଖାଇବେ । ତୁ ଆଉ ଡର ଡର ହୁଅନା ।"

Digitized by srujanika@gmail.com

ପିଲାମାନଙ୍କୁ କଲେଜ ଅଧ୍ୟାପକ ଜଣକ କହିଲେ—"ତୁମେମାନେ ମନକଷ୍ଟ କରନା । ଏମିତି ହୋଇଯାଏ । ସେ କଥା ମୁଁ ଠିକ୍ ସ୍ଥାନରେ ଉଠାଇବି । ଏଇ କୋଡ଼ିଏ ନମ୍ବରର ଉତ୍ତର ଦେଖିଲା ବେଳେ ପରୀକ୍ଷକ କୋହଳ ମତ ଧରିବେ । ସମସ୍ତେ ଭଲ ନମ୍ବର ପାଇବେ । ସେଥିପାଇଁ ନିୟମ ଅଛି ।" ଏତକ ଶୁଣି ଦେଲାପରେ ପିଲାମାନଙ୍କ ମନ ଭଲ ହୋଇଗଲା । ମୁହଁରୁ ସେକଥା ଜଣା ପଡ଼ିଯାଉଥାଏ । ପିଲାମାନେ ଘର ଭିତରକୁ ଗଲେ । ମୁହଁ ଧୋଇ ଟିକିଏ ଚେଞ୍ଜ୍ ହୋଇ ବାହାରିବେ । ଘର ଭିତରେ ଖରବାବୁ ସେମାନଙ୍କୁ ବୁଝାଇ ଦେଲେ ହରିବାବୁ କିଏ । ସେମାନେ ଏକାବେଳକେ ଖୁସି ହୋଇଗଲେ । ତାଙ୍କ ନାଁ ଶୁଣିଥିଲେ—ଦେଖି ନଥିଲେ । ତାଙ୍କ ସାମନାରେ ସମସ୍ତେ ବସିବେ, ମଜାଟିଏ ଶୁଣିବେ ଏଇଟା କିଛି କମ୍ ସୁଯୋଗ ନୁହେଁ ।

କାହିଁକି କହିବ ? ସତ ମଣିବ ?

ସେ ଆରମ୍ଭ କଲେ—"ମୋ ପିଲାଦିନର ସାଙ୍ଗ ଏଇ ଖରଟି ଅଧ୍ୟକ୍ଷଙ୍କ ତଳେ ମୋତେ କହିଥିଲା ଯେ ମୋ ମୁଣ୍ଡ ଖରାପ ହୋଇ ଯାଇଛି । ସତ କଥା ହେଲା ମୋ ମୁଣ୍ଡ ଭିତରେ ଗୋଟାଏ ନୂଆ କଥା ପଶିଯାଇଛି । ତେଣୁ ମୁକ୍ତା ଢଙ୍ଗରେ ଆଉ କିଛି କହିପାରୁ ନାହିଁ । ସେହି ନୂଆ କଥାଟି ତୁମକୁ ସବୁ କହିବି ବୋଲି ଭାବୁଛି । କିନ୍ତୁ କାହିଁକି ବା କହିବି ? ତୁମେ ସବୁ କ'ଣ ସତ ମଣିବ ? ମୋ ସାଙ୍ଗ ଯେମିତି କହୁଥିଲା ତୁମେମାନେ ମଧ୍ୟ ହୁଏତ ସେମିତି କହିବ ।" ପିଲାମାନେ ଏକ ସ୍ୱରରେ କହିଉଠିଲେ—ନାହିଁ, ଅଜା । ଆପଣଙ୍କ କଥା ଶୁଣି ଏମିତି ପୁଣି କହିବୁ ?

ସମସ୍ତଙ୍କ ଆଗ୍ରହ ଦେଖି ସେ କହିଲେ—ସାତଦିନ ତଳେ ଉତ୍ତର ପ୍ରଦେଶକୁ ଯାଇଥିଲି । ହିମାଳୟ ପାହାଡ଼ ଦେଶରେ ବୁଲିବାକୁ ମୋତେ ଖୁବ ଭଲ ଲାଗେ । କେତେଥର ସେମିତି ଯାଇ ବୁଲିଛି । ଏଥର ଏକୁଟିଆ ଗଲି । ଗୋଟାଏ ସ୍ଥାନରେ ଶୁଣିଲି ଅରଣ୍ୟ ଭିତରେ ଜଣେ ସାଧୁ ଅଛନ୍ତି । ତାଙ୍କୁ ସେ ଅଞ୍ଚଳର ଲୋକେ ଓଡ଼ିଆ ବାବା ବୋଲି କହୁଛନ୍ତି । ଗୁରୁବର୍ଷ ହେଲା ରହିଲେଣି । ବାହାରୁ କିଏ ଗଲେ ସେ ମୁଖ

Digitized by srujanika@gmail.com

ପାଉ ନାହାନ୍ତି । କାହାର ସାଙ୍ଗରେ କଥାବାର୍ତ୍ତା କରନ୍ତି ନାହିଁ । କିଏ ବା ତାହାଙ୍କ ସେ ଘନ ଜଙ୍ଗଲ ଭିତରକୁ ଯିବ ? ବଣଜନ୍ତୁ ସବୁ ଅଛନ୍ତି । ବଣ ଭିତରେ ସକାଳୁ ବାର ଘଣ୍ଟା ଚାଲିଲେ ଯାଇ ସେଠାରେ ପହଞ୍ଚି ହେବ । ସେମିତି କିଛି ମଜା ବାଟ ନାହିଁ । ଅନୁମାନ କଲି, ବାଟ ଚାହିଁ ଚାହିଁ ସେଠାରେ ପହଞ୍ଚିବାକୁ ହେବ । ମୋ ମନ ଡାକିଲା ସେଇଠିକି ଯିବି ବୋଲି । ସକାଳୁ ବାହାରି ପଡ଼ିଲି । ବାଟ ଯେ ଖୁବ୍ ଅମଜା ଏମିତି କିଛି ନୁହେଁ । ସନ୍ଧ୍ୟା ହେବା ପୂର୍ବରୁ ତାଙ୍କ ପାଖରେ ପହଞ୍ଚିଗଲି ।

ଚାରିଆଡ଼େ ଘଞ୍ଚ ଜଙ୍ଗଲ । ମଝିରେ ଗୋଟାଏ ଖୋଲା ସ୍ଥାନ ରହିଛି । ପାହାଡ଼ ତଳେ ସେହି ସ୍ଥାନଟି । ନିକଟରେ ଝରଣାଟିଏ ଉପରୁ ତଳକୁ ବହିଯାଉଛି । ସତେ ଯେପରି କି ଗୋଟିଏ ପାଣି ହାର ଆଣି କିଏ ଟାଙ୍ଗିଦେଇଛି । ବହୁ ସଂଖ୍ୟକ ଫଳ ଗଛ । ଆଠ ଦଶଟା ହରିଣ ବୁଲୁଛନ୍ତି ଦୂରରେ ଦୂରରେ । ସନ୍ଧ୍ୟା ହୋଇ ଆସୁଛି । ସୂର୍ଯ୍ୟ ଅସ୍ତ ବେଳେ ଚମତ୍କାର ଦୃଶ୍ୟ । ଆକାଶରେ ଚାରିଆଡ଼ କିଏ ସତେ ଯେପରି କି ନାଲିରଙ୍ଗର ଅଭିର ବିଞ୍ଚିଦେଇଛି । ମୁଁ ସାହସ ବାନ୍ଧି ତାଙ୍କ ନିକଟକୁ ଗଲି । ତାଙ୍କ ମୁହଁରେ ଟିକିଏ ହେଲେ ବିରକ୍ତିର ଚିହ୍ନ ନାହିଁ । ହସି ହସି ସେ ମୋ ଆଡ଼କୁ ଚାଲି ଆସିଲେ । ଯେମିତି ଶୁଣିଛନ୍ତି ମୁଁ ଓଡ଼ିଶାରୁ ଆସିଛି ମୋ ହାତଟାକୁ ଅତି ଆଦରରେ ମୁଠାଇ ଧରିଲେ । ତାଙ୍କ ଆଖି ଛଳଛଳ ହୋଇଯାଉଥାଏ । ଯାହା ଶୁଣିଥିଲି ତାହାର ଓଲଟା କଥା ତ ଦେଖିଲି । ମୋତେ ପାଚିଲା ଫଳ ଦେଲେ ।

ଏଠିକି କେମିତି ଆସିଲେ ?

ସନ୍ଧ୍ୟା ହୋଇଗଲା । ଆଲୁଅ ନାହିଁ । ଗୋଟିଏ କାଠ ଧୁନି ପାଖରେ ବସିଲୁ । ସେହି ଧୁନି ଆଲୁଅରେ ଆମ ଦି'ଜଣଙ୍କ ମୁହଁ ଦେଖାଯାଉଥାଏ । ପାଖରେ ଛୋଟ କୁଡ଼ିଆଟିଏ । ତା ଭିତରେ ଚାରି ପାଞ୍ଚ ଜଣ ଶୋଇଯାଇପାରିବେ । ଓଡ଼ିଆ ବାବା ତା'ଭିତରେ ତ ପ୍ରାୟ ଶୁଅନ୍ତି ନାହିଁ । ବାହାରେ ଖୋଲା ଆକାଶ ତଳେ ଶୋଇବାରେ ତାଙ୍କର ଆନନ୍ଦ । କିଛି ସମୟ ପରେ ସାହସକରି ପଚାରିଲି ସେ ବାବାଙ୍କୁ କେମିତି

Digitized by srujanika@gmail.com

ଆସିଲେ । ସେ କିଛି ଖରାପ ନ ଭାବି କହିଲେ—"ମୋ ପରିଚୟରୁ କଅଣ ପାଇବ ? ଓଡ଼ିଶାକୁ ତ ଦିନେ ଫେରିବ । ସେତେବେଳେ

ଜାଣିବେ । ଆପଣଙ୍କ ପରିଚୟ ଦିଅନ୍ତୁ ।" ମୋଠାରୁ ସବୁ ଶୁଣିଲା ପରେ ଟିକିଏ ଗମ୍ଭୀର ହୋଇଗଲେ । "ଖୁବ୍ ଭଲ କରିଛନ୍ତି ଏଠାକୁ ଆସି । ମୁଁ ଆପଣଙ୍କ ଭଳି ଜଣେ ଲୋକ ଖୋଜୁଥିଲି । କିଛି ପାଠ ପଢ଼ିଲି । କଲେଜ ପଢ଼ା ଶେଷ କରିଦେଲି । ଗୃହକର୍ମ କରିବାକୁ ମନ ହେଲାନାହିଁ । ଶାସ୍ତ୍ର ପୁରାଣ ପଢ଼ିଲି । ବେଦ ଉପନିଷଦ ରାମାୟଣ ମହାଭାରତଠାରୁ ଆରମ୍ଭ କରି ଅନ୍ୟ ବହୁ ଧର୍ମଗ୍ରନ୍ଥ ପଢ଼ିବାରେ କେତେ ବର୍ଷ କଟାଇ ଦେଲି । ଭାବିଲି କିଛି ବହି ଲେଖିବି । ଧର୍ମକୁ ମୁଁ ଯେମିତି ବୁଝିଛି ସେମିତି ସମସ୍ତଙ୍କୁ ବୁଝାଇବି । ସେଥିପାଇଁ ଧନ ଲୋଡ଼ା । ଲୋକେ କହିଲେ ରାଜାଙ୍କ ପାଖକୁ ଗଲେ ପଇସା ମିଳିବ । ଦି'ଚାରିଜଣ ରାଜାଙ୍କ ପାଖକୁ ଯେ ନ ଗଲି ତା' ନୁହେଁ, ନିରାଶ ହେଲି । କେତେଜଣ ଧନୀ ଲୋକଙ୍କ ପାଖକୁ ଯାଇ ମନର କଥା କହିଲି । ସେମାନେ ଭାବିଲେ ଏଇଟା ମୋର ଗୋଟାଏ ରୋଜଗାରର ପନ୍ଥା ।

ଦିନେ ମନ ଖରାପ କରି ମହାନଦୀ ପଠାରେ ବସିଛି । କାହାକୁ ଦେଖୁନାହିଁ ଆଖି ଯେତେ ଦୂରକୁ ପାଉଛି ତା' ଭିତରେ । ଦୂରରୁ

Digitized by srujanika@gmail.com

ପବନରେ ଗୋଟାଏ ଗୀତ ଭାସି ଆସିଲା ପରି ମନେହେଲା । ଭାରି ଭଲ ଗୀତଟିଏ, ବଡ଼ ମଧୁର ସ୍ୱର । ମୋର ସେ ଗୀତ ପୂରାପୂରି ମନେନାହିଁ । ସେ ସ୍ୱର ମଧ ମୋର ମନେନାହିଁ । ତେବେ ମୋଟାମୋଟି ଏତିକି ମନେ ରହିଗଲା—

ପର୍ବତ କାନ୍ଥରେ ଯେତେ ଗୁହା ଥିଲା
ଗୋଟିଏ ହେଲେ କି ନାହିଁ ?
ପାହାଡ଼ ଦେହରୁ ଝରଣାରେ ଆଉ
ଜଳ ବହି ଆସୁନାହିଁ ?
ଫଳ ଗଛ କଢ଼ା ଅଫଳନ୍ତି ହେଲେ
ମିଠା ଫଳ ଗଲେ ଲୁଚି,
ଯଦି ତାହା ସତେ ହୋଇ ନାହିଁ ତେବେ
ଏ କଥା କାହିଁ ହେଉଛି !
ରାଜ ଦରବାରେ ଧର୍ମ ଲୋକ ଦ୍ୱାରେ
ଠିଆ ହେଉଛି ଭଗବାନ
ଏହାଠାରୁ ବଳି ଲାଜର କାହାଣୀ
ଶୁଣିଅଛି କାହା କାନ ?

ଏହି ଗୀତଟି ମୋ ମନଟାକୁ ବଦଳାଇ ଦେଲା । ଠିକ୍ କରିଦେଲି ଓଡ଼ିଶା ଛାଡ଼ି ଚାଲିଆସିବି । ପୂର୍ବେ ମୁନି ଋଷିମାନେ ଅରଣ୍ୟ ଭିତରେ, ପାହାଡ଼ର ପାଦଦେଶରେ, ଝରଣା ନିକଟରେ ଯେମିତି ରହୁଥିଲେ ମୁଁ ସେମିତି ରହିବି । ଚାରିଆଡ଼େ ତ ଫଳମୂଳ ରହିଛି—ପେଟ ଅପୋଷା ରହିବ ନାହିଁ । ତାହା ପରଦିନ ଚାଲି ଚାଲି ବାହାରିପଡ଼ିଲି । ପାଖରେ ଅଳ୍ପ କିଛି ପଇସା ଥିଲା । ପହଞ୍ଚିଗଲି ଏହି ଅଞ୍ଚଳରେ । ଲୋକଙ୍କଠାରୁ ଶୁଣିଲି ଜଣେ ପଣ୍ଡିତ ସନ୍ନ୍ୟାସୀ ଅରଣ୍ୟ ଭିତରେ ଅଛନ୍ତି । ମନ ଉଚ୍ଛନ୍ନ ହେଲା ତାଙ୍କୁ ଦେଖିବାପାଇଁ । ବଣ ଭିତରେ ଚାଲି ଚାଲି ଆସି ଏଇଠି ପହଞ୍ଚିଗଲି ।

ମୋ କଥା ଶୁଣି ହସିଲେ

ଏଠାରେ ଦେଖିଲି ଗୋଟାଏ ଅପୂର୍ବ ଦୃଶ୍ୟ । ବକଳର ଖଣ୍ଡିଏ କୌପୀନ ପିନ୍ଧି ଜଣେ ସାଧୁ ବୁଲୁଛନ୍ତି । ତାଙ୍କୁ ଦେଖିଦେଲେ ତୁମେ

Digitized by srujanika@gmail.com

ତଟସ୍ଥ ହୋଇ ଠିଆ ହୋଇଯିବ । ଦେହ ଭିତରୁ ଗୋଟାଏ ତେଜ ବାହାରୁଛି । ଦାଢି ଲମ୍ବି ଯାଇଛି ପେଟ ପର୍ଯ୍ୟନ୍ତ । ମୁଣ୍ଡବାଳ ଫୁର୍ ଫୁର୍ ହୋଇ ଉଡ଼ୁଛି । ସୂର୍ଯ୍ୟଙ୍କ ଲାଲ କିରଣ ସେହି ଦେହଟିକୁ ଆହୁରି ସୁନ୍ଦର କରି ଦେଇଛି । ତାଙ୍କ ପାଦରେ ମୁଣ୍ଡଲଗାଇ ପ୍ରଣାମ କରିବାକୁ ଗଲାବେଳେ ସେ ମୋତେ ଅଧାରୁ ଅଟକାଇ ଦେଲେ । ସେ ଧୀରେ ଧୀରେ ଟହଲ ମାରିଲାଭଳି ଚାଲୁଥାଆନ୍ତି । ମୋତେ ଇସାରା ଦେଲେ ତାଙ୍କ ସହିତ ଚାଲିବା ପାଇଁ । ସେତିକିବେଳେ ମୋଠାରୁ ସବୁକଥା ଶୁଣିଲେ । ଶେଷରେ ଟିକିଏ ହସିଦେଇ କହିଲେ —“ହଉ ତମ କଥା ବୁଝିବା — କିଛି ଟିକିଏ ଖାଇନିଅ” ।

କିଛି ସମୟ ପରେ ଚନ୍ଦ୍ର ଦେଖାଦେଲେ । ଆଖପାଖର ଦୃଶ୍ୟ ବଦଳିଗଲା । ଦୁ’ଜଣଯାକ ବସିଥାଉ । ପ୍ରାୟ ଅଧଘଣ୍ଟାକ ପର୍ଯ୍ୟନ୍ତ ସେ ଆକାଶକୁ ଚାହିଁ ରହିଥାଆନ୍ତି । ମୋର ମନେ ହେଉଥାଏ, ସେ ସତେ ଯେପରିକି ଆକାଶ ସହିତ କଥାବାର୍ତ୍ତା ହେଉଛନ୍ତି । କେତେବେଳେ ଚନ୍ଦ୍ର ଆଡ଼କୁ ଦୃଷ୍ଟି ପକାନ୍ତି ତ କେତେବେଳେ ଗୋଟାଏ ନକ୍ଷତ୍ରପୁଞ୍ଜ ଆଡ଼କୁ । ପୁଣି ଆଖି ବୁଜାଇ ଦେଇ ପଛଆଡ଼କୁ ଚାହାଁନ୍ତି । ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ ମୋତେ ପଚାରିଲେ—“ତୁମ ଓଡ଼ିଆଭାଷା ବା ବର୍ଣ୍ଣମାଳାରେ କେତୋଟି ଅକ୍ଷର ?” ହାତ ପବରେ ଗଣି ଗଣି କହିଲି ‘ସତଚାଳିଶଟି” । ସେ ଟିକିଏ ଭାବିଲେ ଓ ପଚାରିଲେ ମୂଳରୁ କହିଲେ ? ଶୁଣିସାରି ପଚାରିଲେ—ଦୁଇଟା ଜ କାହିଁକି କହୁଛ ? ତାଙ୍କୁ ବୁଝାଇଲି, ଗୋଟିଏ ବର୍ଗ୍ୟ ଜ-ଅନ୍ୟଟି ଅନ୍ତସ୍ଥ ଯ । ନାଗରୀ ଲିପିରେ ଯ ବୋଲି ଲେଖାଥିଲେ ୟ ବୋଲି ଉଚ୍ଚାରଣ କରନ୍ତି । ଓଡ଼ିଆରେ ଦୁଇଟି ଯାକୁ ଜ ବୋଲି କୁହାଯାଏ । ଜଳ, ଜାଳ, ଯମ, ଯାତନାରେ ଉଭୟ ଅକ୍ଷରର ଉଚ୍ଚାରଣ ଜ ଭଳି । ତାହାବାଦେ ଆମର ଅଛି “ଳ” । ଦେବନାଗରୀରେ ଳ ଓ ଲ ଉଭୟକୁ ସମାନ ଭାବରେ ଲେଖାଯାଏ । ଜଳକୁ ଜଲ୍ ବୋଲି ପଢନ୍ତି । ଟିକିଏ ଆଲୋଚନାପରେ ସେ କହିଲେ—“ଆଚ୍ଛା, ମୋଟାମୋଟି ପଚାଶଟି ବୋଲି ଧରିନିଅ । ଗୋଟିଏ କଥା ପଚାରୁଛି । ଏଥିଭିତରୁ ସବୁତକ କଣ ଚିହ୍ନିବାକୁ, ଜାଣିବାକୁ, ଶିଖିବାକୁ ପଡ଼ିବ ଯଦି ଓଡ଼ିଆରେ ଯାହା ଲେଖାଯାଇଛି ତାକୁ ପଢ଼ିବାକୁ ମନକରିବ ? ପ୍ରଶ୍ନଟି ସରଳ ବୋଲି

Digitized by srujanika@gmail.com

ଜଣାପଡ଼ୁଥିଲେ ମଧ୍ୟ ମୁଁ ଟିକଏ ଅହଂକରଗଲି । ତା'ପରେ କହିଲି-ହିଁ, ସବୁତକ ନ ଚହ୍ନିଲେ ଜଣେ ଓଡ଼ିଆ ବହି ପଢ଼ିବ ବା କେମିତି ? ସେ ପାଞ୍ଚମିନଟ୍ ରହିଯାଇ ଧୀର ସ୍ୱରରେ କହିଲେ—ତାହାହେଲେ ଏକଥା ଠିକ୍ ଯେ ଗୋଟିଏ ବର୍ଣ୍ଣମାଳାର ସବୁତକ ଅକ୍ଷର ନ ଜାଣିଲେ ସବୁ ବହିପତ୍ର ପଢିବା ଅସୁବିଧା ହେବ । ଇଂରାଜୀ ବହିରେ ଦେଖିବେ ଛବିଶଟି ଅକ୍ଷର ଅଛି । ସେତକ ସବୁଯାକ ଚହ୍ନିବା ଦରକାର, ଯଦି ଇଂରାଜୀ ବହି ପଢ଼ିବ । ଜଣେ ପ୍ରଥମେ ସବୁତକ ଅକ୍ଷର ନଚହ୍ନି ବହି ପଢ଼ିବାକୁ ଗଲେ ତାହାର ଯେଭଳି ଅସୁବିଧା ହୁଅନ୍ତା ତୁମର ସେହିଭଳି ଅସୁବିଧା ହେଲା ।

ସେତେବେଳକୁ ମୋ ମନ ଟିକଏ ଦବିଗଲାଣି । ମୁଁ ତ ମୋ ଅସୁବିଧା କଥା କିଛି କହିନାହିଁ; ସେ କେମିତି ଭଲା ଅନୁମାନ କଲେ ? ମୋଠାରୁଁ କୌଣସି ପ୍ରକାରର ଉତ୍ତରକୁ ଅପେକ୍ଷା ନ କରି ସେ କହି ଗଲେ, ଏକଥା ସତ ଯେ ତୁମେ ଜଣେ ପାଠୁଆ ଲୋକ । ତୁମେ ଯେତେ ଶାସ୍ତ୍ର ପୁରାଣ ପଢ଼ିଛ ଖୁବ୍ ଅଳପ ଲୋକେ ସେତେ ପଢ଼ିଛନ୍ତି । କିନ୍ତୁ ସେଇଠି ତ ପାଠ ସରିଲା ନାହିଁ । ଦୁନିଆରେ ବହୁତ କଥା ଜାଣିବାର ଅଛି । ସବୁଥିରୁ କିଛି କିଛି ନ ଜାଣିଲେ ଜଣେ ଶାସ୍ତ୍ରଜ୍ଞାନ ଅର୍ଜନ କରିଛି ବୋଲି କୁହାଯିବ ନାହିଁ ।

"ଜ୍ଞାନ" ଗୋଟିଏ ପୁସ୍ତକ

ଏମିତିକା କଥା ମୋତେ ଆଗରୁ କେହି କହି ନଥିଲେ । ଜ୍ଞାନର ସୀମା ନାହିଁ । ସବୁତକ କ'ଣ ଜଣେ ଗୋଟାଏ ଜନ୍ମରେ ଜାଣିପାରେ ? କେଉଁଠି ଥରେ ଲେଖାଥିବାର ମନେ ହେଉଛି, ଜନ୍ମ ଜନ୍ମ ହୋଇ ସାତ ଜନ୍ମ ଗଲେ ମଧ୍ୟ ସବୁ ଜ୍ଞାନର କାଣିଚାଏ ମଧ୍ୟ ଜାଣିପାରିବ ନାହିଁ । ଇଏ ପୁଣି ଏମିତିକା କଥା କହୁଛନ୍ତି କେମିତି ? ସେ ମୋତେ ସାହସ ଦେଲାରୁ ମୋ ମନର ସନ୍ଦେହ କଥା ତାଙ୍କୁ କହିଲି ।

ସେ ଓଲଟି ମୋତେ ବୁଝାଇଲେ—ଦିନେ ମୋ ମନରେ ବି ଏହିଭଳି ସନ୍ଦେହ ଥିଲା । କିନ୍ତୁ ଟିକଏ ଧୀରସ୍ଥିର ଭାବରେ ଚିନ୍ତାକଲାରୁ ସେ ସନ୍ଦେହ ଦୂର ହୋଇଗଲା । ତୁମକୁ ଗୋଟିଏ ସରଳ ଢଙ୍ଗରେ

Digitized by srujanika@gmail.com

ବୁଝାଇ ଦେଉଛୁ, ସବୁ ଜ୍ଞାନକୁ ଗୋଟିଏ ବିରାଟ ପୁସ୍ତକ ସହିତ ମନେ ମନେ ତୁଳନା କର । ସେଥିରେ ଯେତେ ଯେତେ କଥା ଲେଖାଯାଇଛି ସବୁତକ ତୁମପକ୍ଷରେ ବୁଝିବା ହୁଏତ ସମ୍ଭବ ନୁହେଁ । କିନ୍ତୁ ଯଦି ଅକ୍ଷର



ଚିହ୍ନି ଯାଇଛ ପଢ଼ିବାରେ ଅସୁବିଧା କଅଣ ? ପଢ଼ିବ; କିଛି କିଛି ବୁଝିବ ଯାହା ବୁଝି ନ ପାରୁଛ ଅନ୍ୟଙ୍କୁ ପଚାରିବ । ଶେଷକୁ ହୁଏତ ବହିରେ ଯେତେ ଯେତେ କଥା ଲେଖାଯାଇଛି ସେଥିରେ ଅଧେ ବୁଝିଲ, ବାକି ଅଧିକ ଉପରେ ଖାଲି ଆଖି ବୁଲାଇଦେଲ । ଏମିତି ହୁଏତ କେତେ କଥା ଥିବ ଯାହାକୁ ବୁଝିବା ଦରକାର 'ନାହିଁ ବୋଲି ବିଚାରିଲ । କିନ୍ତୁ ଜାଣିଲ ସେ ବିଷୟରେ ବହି ଅଛି । ଦଶବର୍ଷ ପରେ ଦରକାର ପଡ଼ିଲା ସେଇ ବିଷୟଟିକୁ ବୁଝିବା ପାଇଁ । ସେତେବେଳେ ଉଦ୍ୟମ କଲ । ଏମିତିକା କାମତ ଜ୍ଞାନ ରାଜ୍ୟରେ ଚାଲିଛି । ଜଣେ ସବୁଜ୍ଞାନର ଅଧିକାରୀ ହୋଇ ପାରିବ ନାହିଁ-ସବୁ ବିଷୟରେ ଗୋଟାଏ ଧାରଣା ମାତ୍ର କାହିଁକି ନ ରହିବ ?

ପାଞ୍ଚଶହଟି "ଅକ୍ଷର"

ବହୁକାଳର ସାଧନା ପରେ, ଶହ ଶହ ଗୁରୁଙ୍କ ପାଖରେ ବସି ଶିଖିଲାପରେ ମୁଁ ଗୋଟିଏ ବିଷୟରେ ନିଶ୍ଚିନ୍ତ ହୋଇଗଲି । ଏ ସଂସାରରେ ଯେତେ ଜ୍ଞାନ ଅଛି ସେ ବିଷୟରେ କେବଳ ଧାରଣା ମଧ୍ୟ କରିବାକୁ ହେଲେ ପ୍ରତ୍ୟେକ ଲୋକକୁ ୫୦୦ଟି ବିଷୟ ଜାଣିବାକୁ ପଡ଼ିବ । ସେତିକି ଜାଣିଗଲେ ସେ ଯେ କୌଣସି ଜ୍ଞାନ ରାଜ୍ୟରେ ପ୍ରବେଶ କରିପାରିବ । ସେ ସବୁତକ ଜ୍ଞାନ ହାସଲ କରିପାରିବ ନାହିଁ ସତ—କିନ୍ତୁ ବେଶ୍ ଅନୁମାନ କରି ପାରିବ ତା'ଭିତରେ କଅଣ ଅଛି ବା କଅଣ ନାହିଁ । ମୁଁ

Digitized by srujanika@gmail.com

ତୁମପାଇଁ ସେତିକ ଅକ୍ଷର ଲେଖିଦେବ । ପ୍ରତ୍ୟେକଟିକୁ ଦେଖିଲା ବେଳେ ତୁମେ ହୁଏତ ବାରୁଚିବ—ଏହାକୁ ଚଢ଼ି, ଲେଖି, ଆୟତ୍ତ କରିବା ମୋ ପକ୍ଷରେ ସମ୍ଭବ ହେବ ନାହିଁ—ସହଜ ହେବା ତ ଦୂରର କଥା । ନିଜ ଅକ୍ଷର ବାହାରେ ସବୁଭାଷାର ସବୁ ଅକ୍ଷର କ'ଣ ସମସ୍ତେ ପଢ଼ି ପାରୁଛନ୍ତି ? ପଢ଼ି ନପାରି ତ ପୁଣି ଅଧାରୁ ଗୁଡ଼ ଦେଉଛନ୍ତି । ସେଥିପାଇଁ ବ୍ୟସ୍ତ ହେବାର କିଛି ନାହିଁ । ଯେତିକ ଦୂରକୁ ଆୟତ୍ତ କରିବ ତୁମର ଜ୍ଞାନ ସେତିକ ଦୂରକୁ ବଢ଼ିବ । ତୁମେ ମୋ ପାଖରେ ପନ୍ଦରଦିନ ରହ । ପ୍ରତିଦିନ ମୁଁ ତୁମ ପାଇଁ ଦଶଟି ଲେଖାଁ ଅକ୍ଷର ଲେଖିଦେବ । ଭଲ କପଡ଼ା ଉପରେ ନାନା ରଙ୍ଗ ଦେଇ ସେଗୁଡ଼ିକ ଲେଖିଯାଉଥିବ । ତାହାପରେ ମୁଁ ଚାଲିଯିବ ଏଠାରୁ । ତୁମେ ରହିବ । ଧୈର୍ଯ୍ୟଧରି ମାସକୁ ଦଶଟି ଲେଖାଁ ମଡ଼ାଇବ । ମାସକ ବାଦେ ମୁଁ ଥରେ ଆସିବ । ଦେଖିବ କେମିତି କଅଣ କରିଛ । ଭୁଲ ଥିଲେ ସୁଧାରି ଦେଇ ଯିବ । ପନ୍ଦର ମାସରେ ୫୦୦ଟି ଯାକ ଶିଖିଯିବ । ସେ ପ୍ରକୃତରେ ସେମିତି କଲେ । ମୁଁ ଏଠାରେ ପନ୍ଦର ମାସ ରହିଲଣି । ଆଉ କେତେ ଦିନ ପରେ ସେ ଆସିବେ । ମୋର ଯାହା ଯେଉଁଠି ଭୁଲ ଥିବ ସୁଧାରିଦେଇ ଯିବେ । ତାହାପରେ ମୁଁ ଫେରିଯିବ ଓଡ଼ିଶାକୁ । ସେତେବେଳେ ତୁମେ ଆସି ମୋ ସଙ୍ଗରେ ଦେଖାକରିବ ।

"ପିଲାଙ୍କ ମୁହଁ ଶୁଖିଗଲାଣି"

ଘର ଭିତରେ ହରିବାବୁଙ୍କ ଘରଣୀ କହୁଥିବାର ଶୁଣାଗଲା "ପିଲାଙ୍କ ମୁହଁ ଶୁଖିଗଲାଣି-ଭୋକ ହେଲାଣି" । ସେ ଯେତେ ଧୀର ସ୍ୱରରେ କହିଲେ ମଧ୍ୟ ହରିବାବୁଙ୍କ କାନରେ ବାଜିଗଲା । ସେ ବଡ଼ ପାଟିରେ ଡାକ ଦେଲେ—"ଶୀର, ପିଲାଙ୍କ ପାଇଁ ଜଳଖିଆ ଆଣ । ଖାଉଥିବେ ଶୁଣୁଥିବେ । "ନାହିଁ, କଥାଟା ସରୁ" ବୋଲି ପିଲାଏ କହିଲେ ମଧ୍ୟ ହରିବାବୁ ସେଇଠାରେ ଥାକ ରଖିଲେ । ଗୋଟିଏ ଗୋଟିଏ କାଗଜ ଥାଳିଆରେ ସମସ୍ତଙ୍କ ପାଇଁ ଜଳଖିଆ ଆସିଲା । ହରିବାବୁଙ୍କ ପାଇଁ ମଧ୍ୟ । ତାଙ୍କ ସାଙ୍ଗରେ ଯେଉଁ ଦି'ଜଣ ଥିଲେ ସେମାନେ ତ ଆଉ ବାଦ୍ ପଡ଼ନ୍ତେ ନାହିଁ । ପିଲାମାନଙ୍କୁ ଯିନା ଭୋକ ହେଉଥାଏ ବୋଲି

Digitized by srujanika@gmail.com

ଖାଉଥାନ୍ତି—ସେମାନଙ୍କ ମନଥାଏ ଅଜାଙ୍କ ଗପ ଶୁଣିବାରେ । ସେହିକଥା ଲକ୍ଷ୍ୟକରି ଅଜା କହିଲେ—ଦେଖ ବଡ ତର ହୋଇ ଖାଅ ନାହିଁ । ସେମିତି ଖାଇଲେ ଭଲ ହଜମ ହେବ ନାହିଁ । ଧୀରେ ଧୀରେ ଖାଅ । ମୁଁ ବି ଅଧା ପାକୁଆ ପାଟିରେ ଖାଇବି । ମୋ ଗପ ଚାଲିଥିବ । ଖିଆ ଚାଲିଥିବ ।

ସେ ମୋତେ ବିଦାୟ ଦେଲାଭଳି କହିଲେ—"କାଲି ସକାଳୁ ଚାଲିଯାଅ । ଓଡ଼ିଶାକୁ ଫେରି ମୋ ଯିବା ବେଳ ପାଇଁ ଅପେକ୍ଷା କର । ତୁମଠାରୁ ମୁଁ ବହୁତ କିଛି ଆଶା କରୁଛି" । ସତ କହୁଛି ସେଠାରୁ ଫେରି ଓଡ଼ିଶାରେ ପହଞ୍ଚିଲା ପରେ ମୋତେ ନିଦ ହେଉ ନାହିଁ । ତାଙ୍କରି କଥା ଭାବୁଛି । ସେ ଯେତିକି କହିଲେ ତାହାଠାରୁ ଶହେଗୁଣ ଜଣା ପଡ଼ୁଥାଉଥାଏ ତାଙ୍କ କହିବା ଢଙ୍ଗରୁ । ପ୍ରତି ଶବ୍ଦଟିକୁ ସେ ଏଭଳି ଭାବରେ କହୁଥାନ୍ତି ଯେ ମୋ ମୁଣ୍ଡଭିତରେ ପୂରି ପୂରି ଲାଗି ଯାଉଥାଏ ।

ପନ୍ଦର ମିନିଟ ଭିତରେ ଖିଆପିଆ ଶେଷ ହୋଇଗଲା । ପିଲାମାନେ ଆସ୍ଥାନ ଜମାଇ ବସିଗଲେ । ଜଣେ ପଚାରିଲା, ସେ ପୁଣି କେବେ ଆସିବେ ବୋଲି କହିଛନ୍ତି ? ଆପଣଙ୍କୁ କ'ଣ କିଛି ଗୋଟାଏ ସମୟ ଦେଇ ନାହାନ୍ତି ? ଅଜା ସବୁ ପିଲାଙ୍କ ମୁହଁକୁ ଚାହୁଁଥାଆନ୍ତି । ଶୁଣିବା ପାଇଁ ପ୍ରବଳ ଇଚ୍ଛା ବୋଲି ସେମାନଙ୍କ ଆଖିରୁ ଜଣା ପଡ଼ୁଯାଉଛି । ଅଜା ଏହିଭଳି କଥା ଅନେକ ସ୍ଥାନରେ ପିଲାମେଳରେ କହିଛନ୍ତି । ଅଧିକାଂଶ ମେଳରେ ଛୋଟ ଛୋଟ ପିଲାଙ୍କ ସଂଖ୍ୟା ବେଶୀ । ସେମାନେ ଯେତିକି ଦୂରକୁ ବୁଝି ପାରିବେ ସେଥିପ୍ରତି ଦୃଷ୍ଟି ରଖି କୁହନ୍ତି । ଆଜି କିନ୍ତୁ ଯେଉଁମାନେ ସାମନାରେ ବସିଛନ୍ତି ସମସ୍ତେ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ଆଉ କେତେ ମାସ ପରେ କଲେଜରେ ପଢ଼ିବେ । ସେମାନେ ବହୁତ କଥା ଜାଣିବାର ସୁଯୋଗ ପାଉଛନ୍ତି । ରେଡିଓରୁ ବହୁତ କିଛି ଜାଣୁଛନ୍ତି । ତେଣୁ ସେମାନଙ୍କୁ ସିଧା ସଳଖ ଅସଲ କଥାଟି ବୁଝାଇ ଦିଆଯାଉ । ଏହି ଭଳି ବିଚାରି ସେ ଆରମ୍ଭ କଲେ ।

ସେ କେବେ ଆସିବେ ମୁଁ ଜାଣେ ନାହିଁ । ନ ଆସିଲେ ମଧ୍ୟ ଭାବିବାର କିଛି ନାହିଁ । ତାଙ୍କଠାରୁ ମୁଁ ଯେଉଁ ପ୍ରେରଣା ପାଇଲି, ଯେଉଁ

Digitized by srujanika@gmail.com

ଉତ୍ସାହ ପାଇଲି, ସେ ମୋତେ ସେତିକି ସବୁ ବତାଇ ଦେଲେ ସେତିକି ମୋ ପାଇଁ ଯଥେଷ୍ଟ । ସେଇଥିରେ ମୋ ମନଟା ଟୋକା ହୋଇ ଯାଇଛି-



ଯଦିଓ ଦେହଟା ଯେମିତି ବୁଢ଼ା ଥିଲା ସେମିତି ଅଛି । ତାଙ୍କଠାରୁ ମୁଁ ଏଇଆ ଶିଖିଲି ।

ଦୁନିଆଟା ବହୁତ କିଛି ବଦଳି ଗଲାଣି । ଦିନ ଥିଲା ଯେତେବେଳେ କି ଲୋକେ କହୁଥିଲେ—ଅକ୍ଷର ଚିହ୍ନି ଭାଗବତ ପଢ଼ି ଜାଣିଲେ ଓ ପଣକିଆ ଘୋଷିଦେଇ ମିଶାଣ ଫେଡ଼ାଣ ଗୁଣନ ହରଣ ଶିଖିଗଲେ ପଢ଼ା ଶେଷ ହୋଇଗଲା । ତେଣିକି ଜଣେ ଗୃହବାସରେ ବା ତା'ବେଉସାରେ ଲାଗିବା ପରେ କିନ୍ତୁ ଲୋକେ ଆଉ ସେମିତି କହୁଲେ ନାହିଁ । ସାହିତ୍ୟ ଅଙ୍କ ସାଙ୍ଗକୁ ଇତିହାସ ଭୂଗୋଳ ପଢ଼ାହେଲା । ଦୁନିଆରେ ଭିନ୍ନ ଭିନ୍ନ ଅଂଶରେ ଯାହା ସବୁ ଘଟିଯାଉଛି ସେ ସବୁର ଖବର ଜାଣିବା ଦରକାର ପଡ଼ିଲା । ଆମ ପୂର୍ବ ପୁରୁଷ କେମିତି ଥିଲେ, ଆମ ଦେଶ ଲୋକେ କେମିତି ଶାସ୍ତ୍ର ପୁରାଣ ତିଆରି କଲେ, ରାଜାମାନେ କେମିତି ଶାସନ କଲେ, ବିଦେଶୀମାନେ ଆସି ଭାରତକୁ କେମିତି ଦଖଲ କରିଗଲେ ସେ ସବୁର ଇତିହାସ ପଢ଼ାଗଲା । ଆମ ପିଲାବେଳେ ଯେମିତି ହେଉଥିଲା । ପ୍ରାଇମେରୀ କ୍ଲାସରେ ପଢ଼ିଲାବେଳେ ଦି' ଖଣ୍ଡ ସ୍ଲେଟ ସ୍ଲେଟ

Digitized by srujanika@gmail.com

ବହି, ଦୁ' ଖଣ୍ଡ ଖାତା ହେଲେ କାମ ଚଳିଯାଉଥିଲା । ଖଣ୍ଡେ କନାରେ ସେଇତକ ବାନ୍ଧିଦେଇ ବସ୍ତାନି କରି ଦେଉଥିଲୁ । ସେହି ବସ୍ତାନି ନେଇ ସ୍କୁଲକୁ ଯାଉଥିଲୁ । ସେ ଅବସ୍ଥା ବେଶୀକାଳ ରହିଲା ନାହିଁ । ବିଜ୍ଞାନ ବିଷୟ ପଢ଼ାଗଲା । ଦଶ ବାରଟା ବହି ନ କିଣିଲେ ଚଳିଲା ନାହିଁ । ଓଡ଼ିଆ ସାଙ୍ଗକୁ ଇଂରାଜୀ, ହିନ୍ଦୀ, ସଂସ୍କୃତ ପଢା ହେଲା । ତୁମ ବେଳକୁ କେତେ ପାଠ, କେତେ ବହି, କେତେ ଯନ୍ତ୍ରପାତି ଲୋଡ଼ା ହେଉଛି ଦେଖୁଛ ତ ?

ଏତେ ପ୍ରକାରର ପାଠ ପଢିବା କାହିଁକି ଦରକାର ହେଉଛି ? ତାହାର କାରଣ ହେଲା ଦୁନିଆରେ ଦ୍ରୁତ ଦ୍ରୁତ ପରିବର୍ତ୍ତନ ହେଉଛି । ପୂର୍ବେ ଲୋକେ ଶହେ କିଲୋମିଟର ବାଟ ଚାଲି ଯାଉଥିଲେ । ମଟର ଗାଡ଼ି ନଥିଲା । ମୋ ପିଲାଦିନେ ଦଶ ଏଗାର ବର୍ଷ ବୟସରେ ପଚିଶ କିଲୋମିଟର ବାଟ ଚାଲି କଟକ ଆସୁଥିଲି ଥରେ ଥରେ । ସେତେବେଳକୁ ମଟର ଗାଡ଼ି ବା ବସ୍ ଚାଲି ନଥିଲା । ରେଳ, ମଟର ଉଡ଼ାଜାହାଜ ବାହାରିଲାରୁ ଦେଶଟା ଜାଣି ଛୋଟ ହୋଇଗଲା । ଭୁବନେଶ୍ବରରେ ଜଳଖିଆ ଖାଇ କଲିକତାକୁ ଉଡ଼ାଜାହାଜରେ ଗଲେ ସେଠାରେ ତୁମକୁ ଜଳଖିଆ ଯାଚିଲେ କହିବ — 'ମୋର ଭୋକନାହିଁ-ଏଇ ତ ଭୁବନେଶ୍ବରରୁ ଖାଇ-କରି ଆସିଲି ।' ଏମିତିକା କଥା ଯେ ଦିନେ କୁହାଯିବ ଏକଥା ଆମ ପିଲାବେଳେ କେହି ସପନରେ ସୁଦ୍ଧା ଭାବି ନ ଥିଲେ । ଦିଲ୍ଲୀରେ ଜଣେ ଖେଳିବ—କଟକର ଲୋକେ ଦେଖିବେ—ଏହାପୁଣି ସମ୍ଭବ ହେଲା ! ସକାଳେ ତୁମେମାନେ ହୁଏତ କହୁଛ "ଲଣ୍ଡନ ରେଡ଼ିଓ ଷ୍ଟେସନ ବି.ବି.ସି ଏଇକଥା କହୁଥିଲା—ଆଜି ମୁଁ ଆମେରିକା ରେଡ଼ିଓଷ୍ଟେସନ ଭଏସ୍ ଅଫ୍ ଆମେରିକା ଲଗାଇ ପାରିଲିନାହିଁ ।" ତା'. ସାଙ୍ଗକୁ ଆସିଗଲାଣି ନୂଆ ପ୍ରକାରର ଯାନବାହାନ । ସେଥିରେ ବସି ଲୋକ ଚାଲିଯାଉଛି ଚନ୍ଦ୍ର ଉପରକୁ । ଏମିତିକା ଗୋଟାଏ ନୂଆ ଯୁଗରେ ଚଳିବାକୁ ହେଲେ ପୂର୍ବର ସେଇ ଅଳ୍ପ ପାଠ ଆଉ କାମ ଦେଲାନାହିଁ । ତେଣୁ ପାଠ ରାଇଜରେ ଗୋଟାଏ ବିରାଟ ପରିବର୍ତ୍ତନ ଦେଖା ଦେଇଛି । ସେହି ପରିବର୍ତ୍ତନ ସହିତ ନିଜକୁ ଖାପ ନ ଖୁଆଇଲେ ଚଳୁନାହିଁ ।

Digitized by srujanika@gmail.com

ଓଡ଼ିଆ ବାବାଙ୍କର କହିବାର କଥା ତୁମେମାନେ ଅନ୍ତତଃରେ ପାଞ୍ଚଶହଟି ବିଷୟରେ ଅଳ୍ପ ବହୁତେ କିଛି କିଛି ନ ଜାଣିଲେ ପ୍ରକୃତରେ ପାଠ ପଢ଼ିଛ ବୋଲି କୁହାଯାଇ ପାରିବ ନାହିଁ ।

ଏତେ ପାଠ ପଢ଼ି ହେବ ?

ୱାରବାବୁ ତ ଆରମ୍ଭରୁ ନଥିଲେ । ଏତିକିବେଳକୁ ଆସିଲେଣି । ତାଙ୍କୁ ଟିକିଏ କାବା କାବା ଲାଗୁଛି ଏଭଳି ଗୋଟାଏ କଥା ଶୁଣି । ଏତେ ପାଠ—ପାଞ୍ଚଶହଟା ବିଷୟ କ’ଣ ପିଲା ପ୍ରକୃତରେ ପଢ଼ିପାରିବେ ? ଏତେଗୁଡ଼ାଏ ଦରକାର ବା କଅଣ ? ତାଙ୍କ ସନ୍ଦେହ ଦୂର କରିବା ପାଇଁ ହରିବାବୁ କହିଲେ—

ପିଲାମାନେ, ତୁମେ ସବୁ ଟିକିଏ ରହିଯା । ୱାରକୁ ମୁଁ ବୁଝେଇ ଦିଏ । ଆଚ୍ଛା ୱାର, ତୁ ତ ଗୋଟାଏ ବଡ଼ ଗୃହସ୍ଥଘରର ପିଲା । କଲେଜ ପଢ଼ା ପରେ ଚାକିରି ନ କରି ଚାଷରେ ମାତିଲୁ । ସେଇଥିରୁ ଯେତିକି ମିଳୁଥିଲା ତମ ପରିବାର ଚଳିବା ପାଇଁ ଯଥେଷ୍ଟ । ଟିକିଏ ମନେ ପକାଇଲୁ ଚାଷ ବୋଇଲେ କଅଣ ବୁଝାଉଥିଲା । ଘରେ ବିହନ ବନ୍ଧାହୋଇ ଓଳିଆରେ ରହୁଥାଉଥିଲା । ଗଛରୁ କାଠ ଖଣ୍ଡେ ଆଣିଲେ ଲଙ୍ଗଳ ତିଆରି । କମାର ଲଙ୍ଗଳ ଲୁହା ତିଆରି କରିଦେଲା, ହଳ ହେଲା । ଗୋବର ଖାତରୁ ଖତ ଗଲା । ବିହନ ବୁଣା ସରିଲା । ପାଣି ହେଲେ ବେଉଷଣ । ଭଲ ଭାବରେ କଅଁରଟିକୁ ବାଛିଦେଇ ଅନାବନା ଘାସ ବାଳୁଙ୍ଗା ଉପାଡ଼ ପରିଷ୍କାର କରିଦେଲ । ଧାନ କାଟି ଘରକୁ ଆଣିଲ । ବେଙ୍ଗଲା ପଡ଼ ଧାନ ଅମଳ ହେଲା । ଖଣିରେ ସାଇତି ଦେଲ ବା ଅମାରରେ ରଖିଲ ।

ଏବେ କଅଣ ହେଉଛି ? ହଳିଆ କହୁଛି—ବାବୁ, ବୋଷ୍ଲଙ୍ଗଳ ନହେଲେ ଜମି ଭଲ ଚାଷ ହେବନାହିଁ । ସହରକୁ ଗଲୁ ଆଣିବା ପାଇଁ । ରେଡ଼ିଓ କହୁଛି ବିହନରେ ଅମୁକ ଔଷଧ ଗୋଳାଇ ବୁଣ । ନ ହେଲେ ଧାନରେ ପୋକ ଲାଗିବ । ଅମୁକ ଅମୁକ ସାର ନଦେଲେ ଧାନ ବଢ଼ିବ ନାହିଁ । ପୋକମରା ଔଷଧ କିଣିକରି ରଖିଥାଅ । ତାକୁ ଧାନ କିଆରିରେ

Digitized by srujanika@gmail.com

ପକାଇବାପାଇଁ ଗୋଟାଏ ନୂଆ ପ୍ରକାରର ପିଚ୍‌କାରୀ ବାହାରିଛି । ସେଥିରୁ ଗୋଟିଏ ଯୋଗାଡ଼ କରି ରଖିବାକୁ ହେବ । ଖଳାକୁ ଧାନ ଆସିଲାପରେ ଅମଳ କରିବାପାଇଁ ଏବେ ଗୋଟିଏ ଥ୍ରେସିଆ ଯନ୍ତ୍ର ବାହାରିଛି । କେବଳ ଗୋଡ ହାତକୁ କାମରେ ଲଗାଇ ସେହି ଯନ୍ତ୍ର ସାହାଯ୍ୟରେ ଧାନ ଅମଳ ହୋଇଯିବ । ଏକଥା ସତ ନା ମିଛ ? ଇଂରେଜୀ କଥା ଜାଣିଲେ ଧାନ ଅମଳ ହୋଇ ଘରେ ରହି ଯାଉଥିବ । ଏବେ କେତୋଟି କଥା ଜାଣିବାକୁ ପଡୁଛି ?

ସେଇଠି ପୁଣି କଥା ସରିଯାଉ ନାହିଁ । ରେଡ଼ିଓ ବରାବର ସାବଧାନ କରି ଦେଉଛି—ଏଇ ପୋକମରା ଔଷଧ ବିଷ ବୋଲି ଜାଣ । ଖୁବ୍ ସାବଧାନ ହୋଇ ତାକୁ ବ୍ୟବହାର କରିବ । ପବନ କୁଆଡ଼ୁ କୁଆଡକୁ ବହୁଛି ଲକ୍ଷ୍ୟ କରି ଔଷଧ ସିଞ୍ଚିବ ପିଚ୍‌କାରୀରୁ । ନହେଲେ ତୁମ ନାକବାଟେ ସେହି ବିଷ ଦେହ ଭିତରକୁ ଯିବ ଇତ୍ୟାଦି ଇତ୍ୟାଦି । ତୁ କ'ଣ ସ୍ୱୀକାର କରିବୁ ନାହିଁ ଯେ ପ୍ରତ୍ୟେକ କୃଷୀ ଏହି ସବୁ କଥା ଜାଣିବା ନିତାନ୍ତ ଦରକାର ? ଏତେ ପ୍ରକାରର ପାଠ ପଢ଼ିବା ଜାଣିବା କାହିଁକି ଲୋଡା ବୋଲି ତ ତୋ ମନରେ ପ୍ରଶ୍ନ ଉଠିଥିଲା । ଏବେ ଉତ୍ତର ପାଇଲୁ ?

ଏଇ ପିଲାଙ୍କୁ ପଚାରୁନୁ !

ବେଶୀ ଦୂରକୁ ଯିବା ଦରକାର ନାହିଁ । ଏଇ ପିଲାମାନେ ବୁଝି-ପାରିବେ ନାହିଁ ଆମ ପିଲା ଦିନର ଢଗ । "ହାତରେ ଶଙ୍ଖା—ଦର୍ପଣ କାହିଁକି ଲୋଡା ହେଉଛି" ବୋଇଲେ କଅଣ ବୁଝାଉଛି ପିଲାଏ କହିଲ ? ସେମାନେ ଇଏ ତା' ମୁହଁକୁ ସିଏ ତା' ମୁହଁକୁ ଚାହୁଁଥାଆନ୍ତି । ବୋହୂ-ମାନେ; ମା ମାନେ ହାତରେ ଶଙ୍ଖା ପିନ୍ଧିବା ସେମାନେତ ଦେଖୁନାହାନ୍ତି । ନାଲି ରଙ୍ଗର ଜଉ ଶଙ୍ଖାରେ ମୋଟା ଖଣ୍ଡେ ଖଣ୍ଡେ କାଚ ଲାଗିଥାଏ । ତାକୁ ବୋହୂମାନେ ହାତରେ କାଚ ବା ଚୁଡ଼ି ପିନ୍ଧିଥାନ୍ତି । ସେହି ମୋଟ କାଚରେ ମୁହଁ ଦେଖାଯାଏ । ହାତରେ ଯଦି ଶଙ୍ଖା ଅଛି ଦର୍ପଣ ନଥିଲେ ବି ନିଜର ମୁହଁ ଦେଖି ଟିକିଏ ଅସଜଡ଼ା ହୋଇଥିଲେ ସଜାଡ଼ି ଦେଇ

Digitized by srujanika@gmail.com

ହେବ—କାମ ଚଳିଯିବ । ବହୁତ କଥା ଊଣା ଅଧିକେ ଭଲ ଭାବରେ କାହିଁକି ଜାଣିବାକୁ ହେବ ତାହା ଏହି ପିଲାମାନଙ୍କ ଆଜିର ପରୀକ୍ଷା ପ୍ରଶ୍ନରୁ ଜଣା ପଡ଼ିଯିବ । ଆଜି ଥିଲା ଶରୀର ବିଦ୍ୟା ଉପରେ ପରୀକ୍ଷା । ଶରୀର ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ମସ୍ତିଷ୍କ । ଦେହର



ଭିତରଆଡେ ଯାହାସବୁ ହେଉଛି ସେ ସବୁକୁ ମସ୍ତିଷ୍କହିଁ ନିୟନ୍ତ୍ରଣ କରୁଛି, ଚଳାଉଛି । ସେଠାରୁ ସବୁ ଅଙ୍ଗକୁ ନର୍ଭ ବା ସ୍ନାୟୁ ପାଇଛି । ଟେଲିଫୋନ୍

Digitized by srujanika@gmail.com

ଟେଲିଗ୍ରାଫ୍ ତାର ଭଳି ସେଗୁଡ଼ିକ କାମ କରୁଥାନ୍ତି । ମସ୍ତିଷ୍କ ସ୍ନାୟୁ ପାଠ ଭାରି କଷ୍ଟ, ଜଟିଳ । ପିଲାଏ ସହଜରେ ବୁଝିପାରିବେ ନାହିଁ—ଶିକ୍ଷକ ବି ସହଜରେ ବୁଝାଇ ପାରିବେ ନାହିଁ । ତେଣୁ ସେ ବିଷୟଟିକୁ ଉପର ଠାଉରିଆ ଭାବରେ ପଢାଇ ଦିଆଯାଏ । ପ୍ରଶ୍ନ ତିଆରି କଲାବାଲା ସେ କଥା ଜାଣନ୍ତି । ତେଣୁ ତାକୁ ବାଦ୍ ଦେଇ ପ୍ରଶ୍ନପତ୍ର ତିଆରି କରି ଦିଅନ୍ତି । ଏଥରକ ଯାହାଙ୍କ ଉପରେ ଦାୟିତ୍ୱ ଦିଆଗଲା, ସେ ବିଚାରିଲେ—ପିଲାମାନେ ଏହା ବିଷୟରେ ଜାଣିଥିବା ଉଚିତ । ତେଣୁ ସେ କୋଡ଼ିଏ ନମ୍ବର ରଖିଦେଲେ ଏହାରି ପାଇଁ । ପିଲାଙ୍କ ମୁଣ୍ଡ ଖରାପ, ମୋର କହିବାର କଥା ପିଲାମାନଙ୍କୁ ସେ ବିଷୟରେ ଭଲ ଭାବରେ ବୁଝାଇ ଦେବା ଦରକାର ଥିଲା । ଆମର ସଭି ଗୋଟିଏ ଗୋଟିଏ ଦେହ ଅଛି । ଯଦି କେଉଁ ବିଷୟରେ କାହା ବିଷୟରେ ପ୍ରଥମେ ଜାଣିବା ଦରକାର ତାହା ହେଉଛି ଦେହର ଭିନ୍ନ ଭିନ୍ନ ଅଙ୍ଗ ସମ୍ପର୍କରେ । ହେଲୁ ପାଇଲି ଦିନୁ ପିଲାମାନେ ଜାଣିବେ ନିଜ ଦେହ ବିଷୟରେ । ବୁଢା ହେଲା ପର୍ଯ୍ୟନ୍ତ ଜାଣୁଥିବେ ନୂଆ ନୂଆ କଥା । ତେଣୁ ମୋର ମତ ହେଉଛି ଅନ୍ୟ ସବୁ ବିଷୟରେ ଶହେକେ ତିରିଶ ନମ୍ବର ରଖିଲେ ପାଶ୍ କରାଇ ଦିଆଯାଉଛି । ଶରୀର ବିଦ୍ୟା ବିଷୟରେ ପାଶ୍ ମାର୍କ ବା ନମ୍ବର ପଚାଶରେ ରହିବା ଉଚିତ । ଅଶୀ ହେଲେ ଆଉରି ଭଲ ।

ପିଲାଙ୍କ ମୁହଁ ପୁଣି ଶୁଖିଗଲା—

ଏକଥା ଶୁଣି ପିଲାମାନଙ୍କ ମୁହଁଟିମାନ ଶୁଖିଗଲା । ଅଜା ସେମାନଙ୍କୁ ସାନ୍ତ୍ୱନା ଦେଇ ବୁଝାଇଲେ —ଆଜି ଏହିବର୍ଷ ଏମିତି ହୋଇ ଯାଉ ବୋଲି ମୁଁ କହୁନାହିଁ । ଧମପୁ ଆସିବ ଯେତେବେଳେ କି ଶରୀରର ପ୍ରତ୍ୟେକ ଅଙ୍ଗ ବିଷୟରେ ତୁମେମାନେ ଗୁଳଶ ପଗୃଶ ପୃଷ୍ଠା ଲେଖା ଥିବା ବାର ଚଉଦ ଖଣ୍ଡ ବହି ପଢିଥିବ । ସେଗୁଡ଼ିକ ହୋଇଥିବ ଗପ ବହି । ସେଥିରେ ଥିବ ବହୁ ସଂଖ୍ୟକ ଚିତ୍ର । ଏମିତି ଭାବରେ ଲେଖା ଯାଇଥିବ ଯେ ତୁମେ ଅନୁଭବ କରୁଥିବ ସତେ ଯେପରିକି ଆଈ ବୁଢୀର ବୁଢ଼ୀ ଅସୁରୁଣୀ ଗପ ପଢ଼ୁଛି । ଯିଏ ଦ୍ୱିତୀୟ ଶ୍ରେଣୀରୁ ପାଠ ପଢ଼ୁଛି ଓ ଏବେ ତାକୁ ହୋଇଗଲାଣି ବାର ଚଉଦ ବର୍ଷ ସେ ମଧ୍ୟ ଏସବୁ ବହି

Digitized by srujanika@gmail.com

ମତି ଭଲ ଭାବରେ ବୁଝି ଯାଉଥିବ । ସେତେବେଳେ ଯାଇ ବୁଝାଯିବ ସେ[illegible] ହକରୁ ପରୀକ୍ଷାରେ ରଖିଲେ ଯାଇ ପାଶ୍ ହେବ ।

ଏତେବେଳେ ଯାଏ ସେ ଅଧ୍ୟାପକ ନବ ବାବୁଙ୍କୁ କିଛି ପଚାରୁ ନଥିଲେ କି କହୁ ନଥିଲେ । ତାଙ୍କ ଆଡ଼କୁ ଚାହିଁ ଶୁଣାଇଲେ – ଆଚ୍ଛା, ନବ, ତୋ ମତ କଅଣ ? ତୁ କ'ଣ ବିଚାରୁ ନାହୁଁ ଯେ ଦେହର ପ୍ରତ୍ୟେକ ଅଙ୍ଗ ବିଷୟରେ, ସବୁ ପ୍ରକ୍ରିୟା ବିଷୟରେ ଗୋଟିଏ ଗୋଟିଏ ଶ୍ରେଷ୍ଠ ବହି ହୋଇଯିବା ଉଚିତ । ପିଲାଏ ସେଗୁଡ଼ିକୁ ଘରେ ପଢ଼ିଦେଲେ ପାଠ୍ୟ ପୁସ୍ତକରେ ଯାହା ଅଛି ତାକୁ ଭଲଭାବରେ ମନେରଖିପାରିବେ । ସେ ସବୁ ବହିରୁ ସେମାନେ ଶରୀର ଭିତର ଓ ବାହାରର ଦୁଇଶହ ଛବି ଦେଖି ସାରିଥିବେ । ତେଣିକି ଯେତେ ଜଟିଳ କଷ୍ଟ ପ୍ରଶ୍ନ ଆସିଲେ ମଧ୍ୟ ସେମାନେ ଉତ୍ତର ଦେଇଦେବେ । ଏହା କଣ ଠିକ୍ ନୁହେଁ ?

ଏହି ଅଧ୍ୟାପକ କଲେଜ ପିଲାମାନଙ୍କୁ ଗଛପତ୍ର ଲତା ଗୁଳ୍ମ ଇତ୍ୟାଦି ବିଷୟରେ ପଢ଼ାନ୍ତି । ତାଙ୍କୁ କୁହାଯାଏ ଉଦ୍ଭିଦ ବିଜ୍ଞାନ ବା ବଟାନି । ସେ ଉତ୍ତର ଦେଲେ—ଏଥିରେ ଆଉ କ'ଣ ସନ୍ଦେହ ଅଛି ? ମୁଁ ତ ବିଚାରୁଛି ଆମ ପିଲାଦିନେ ଯଦି ଆମ ବିଦ୍ୟା ବିଷୟରେ ଅସଲ ଅସଲ କଥା ଜାଣି ଯାଇଥାଆନ୍ତୁ କଲେଜରେ ପଢ଼ିଲାବେଳେ କେତେ ସୁବିଧା ନ ହୋଇ ଥାଆନ୍ତାଟି ! ଗଛ, ଲତା, ପତ୍ର, ଗଣ୍ଡି, ଡାଳ, କଢ଼ ଫୁଲ, ଫଳ, ବକଳ, ଚେର, ମଞ୍ଜି—ଇତ୍ୟାଦି ବିଷୟରେ ଯଦି ଖଣ୍ଡିଏ ଖଣ୍ଡିଏ ବହି ସରଳଭାଷାରେ ଗପଭଳି ଲେଖା ହୋଇ ଯାଇ-ଥାଆନ୍ତା ଆମେ ଉଦ୍ଭିଦ ଜଗତର ସବୁତକ ମୂଳକଥା ଜାଣି ଯାଇଥାଆନ୍ତୁ ।

୫୦୦ ବହିରୁ ତ ସବୁ ଜ୍ଞାନ ମିଳିଯିବ

ଅଧ୍ୟାପକ ନବବାବୁଙ୍କ ସାଙ୍ଗରେ ଯିଏ ଆସିଥିଲେ ସେ ଅଙ୍କ ବିଦ୍ୟାରେ ଧୁରନ୍ଧର । ତଳ ଶ୍ରେଣୀରୁ ଏମ୍. ଏ. ପାଶ୍ ପର୍ଯ୍ୟନ୍ତ ଯେ କେବେ ହେଲେ କୌଣସି ଗଣିତ ପରୀକ୍ଷାରେ ଶହକେ ଶହେରୁ କମ୍ ନମ୍ବର ରଖି ନାହାନ୍ତି । ତାଙ୍କୁ ପଚାରିଲେ ସେ କୁହନ୍ତି – କାବ୍ୟକବିତା

Digitized by srujanika@gmail.com

ସୁନ୍ଦର ସୁନ୍ଦର ଉପନ୍ୟାସ ପଢ଼ିଲେ ତୁମକୁ ସବୁ ଯେମିତି ଭଲ ଲାଗେ ଗଣିତ ବହିଟିଏ ପଢିଲେ ମୋତେ ସେମିତି ଲାଗେ । ଗଣିତ ଭିତରେ ରହିଛି ଅସରନ୍ତି ଶକ୍ତି । ତାହାର ବଳରେ ତ ମନୁଷ୍ୟ ଆଜି ଯାଇ ମହାକାଶରେ ବୁଲୁଛି । ଚନ୍ଦ୍ରରେ ପାଦ ଦେଇସାରିଛି । ସେଥିପାଇଁ ଶହଶହ ଗଣିତ ପଣ୍ଡିତ, ଶହଶହ କମ୍ପ୍ୟୁଟର ଯନ୍ତ୍ର କେତେ ହିସାବ କରିଛନ୍ତି ଜାଣିଛ ? ଜାଣିଲେ ମୁଣ୍ଡ ଖରାପ ହୋଇଯିବ । ଗୋଟାଏ ହିସାବରେ ଦଶଲକ୍ଷ ଭାଗରୁ ଭାଗେ ଯଦି ଭୁଲ ହୋଇଗଲା ମହାକାଶ ଯାନଟି ଠିକ୍ ଭାବରେ ଚାଲିବ ନାହିଁ । ସେହି ପାପଙ୍କର ବାବୁ ଅଜାଙ୍କୁ ପଚାରିଲେ—ପାଞ୍ଚଶହ ପର୍ଯ୍ୟନ୍ତ ବହିଲେଖି ସବୁକଥା ଜଣାଇ ଦେଲେ ଜଣେ ଲୋକର ତ ସବୁ ଜ୍ଞାନ ହାସଲ ହୋଇଯିବ···

ତାଙ୍କୁ ହଠାତ୍ ବାଧା ଦେଇ ଅଜା କହି ଉଠିଲେ-ହୁସିଆର, ଏମିତିକା କଥା ତୁମେ କୁହନାହିଁ । ଆମେ ସବୁ ହୁଏତ ଏମିତି କହିଦେଇ ପାରୁ । ତୁମ ପାଠ ପରା ଅଙ୍କଗଣିତ । ସେ ପାଠରେ ଟିକିଏ ହେଲେ



ଏପାଖ ସେପାଖ ଅଛୁ ? ଚାରିରେ ଚାରି ମିଶାଇଲେ ଆଠ—ସାତ ପଏଣ୍ଟ ନ ରେକରିଙ୍ଗ ବା ପୌନପୌନିକ ନୁହେଁ କି ୮ ପଏଣ୍ଟ ଶହେଟା ଶୂନ ୧ ନୁହେଁ । ତୁମ କଥାରେ ଟିକିଏ ସୁଦ୍ଧା ଏପାଖ ସେପାଖ ରହିବା ଠିକ୍ ନୁହେଁ । କଥାଟା ବୁଝାଇ ଦେଉଛି । ଅ ଠାରୁ କ୍ଷ ପର୍ଯ୍ୟନ୍ତ

Digitized by srujanika@gmail.com

ସବୁତକ ଅକ୍ଷର ଚହ୍ନିଗଲେ କଣ ଜଣକର ସବୁ ଜ୍ଞାନ ହାସଲ ହୋଇଗଲା ? ଓଡ଼ିଆ ଭାଷାରେ ସବୁତକ ବହି ସେ ପଢ଼ିଛି ବୋଲି ଧରି ନିଆଯିବ ? ବର୍ଣ୍ଣମାଳା ତାଙ୍କୁ ସୁଯୋଗ ଦେବ ବହି ପଢ଼ିବା ପାଇଁ—ଜ୍ଞାନ ଅର୍ଜନ କରିବା ପାଇଁ । ସେମିତି "ଜ୍ଞାନ ପୁସ୍ତକ ମାଳା"କୁ ପଢ଼ି ବୁଝିବାକୁ ହେଲେ ଅନ୍ତତଃ ୫୦୦ଟି କଥା ଜାଣିବାକୁ ପଡ଼ିବ ସେଇତକ । ଜାଣି ହେଉଛନ୍ତି ଜ୍ଞାନ ବର୍ଣ୍ଣମାଳାର ଗୋଟିଏ ଗୋଟିଏ ଅକ୍ଷର । ସେଇଗୁଡ଼ାକ ତୁମକୁ ଜ୍ଞାନ ଜଗତରେ ବୁଲିବା ପାଇଁ ବାଟ ଦେଖାଇଦେବେ । ତୁମେ ବାଟରେ ଝୁଣ୍ଟିବ ନାହିଁ କି ବୁଲୁଥିବା-ବେଳେ ଭୁଲ ବାଟରେ ଯିବ ନାହିଁ ।

ଦୀପଙ୍କର ବାବୁ କଥା ମରମଟାକୁ ପୂରାପୂରି ବୁଝିଗଲେ ବୋଲି କହିବାରୁ ଅଜା ହସି ହସି କହିଲେ—ତୁମେ କଅଣ ବୁଝିଲ ପିଲାମାନଙ୍କୁ ଟିକିଏ ବୁଝାଇ କହିଦିଅ । ସେ ଟିକିଏ ଅଙ୍ଗ ଥଙ୍ଗ ହେବାରୁ ହରିବାବୁ ତାଙ୍କୁ ଉତ୍ସାହ ଦେଇ କହିଲେ—ମୁଁ ଜାଣେ ତୁମେ ମୋ ଠାରୁ ଭଲ ବୁଝାଇ ଦେଇ ପାରିବ । ଡରୁଛ କାହିଁକି ?

ପ୍ରକୃତରେ ତାହାହିଁ ହେଲା । ସେ ପିଲାମାନଙ୍କୁ ବୁଝାଇଲେ ଆମେ କଲେଜରେ, ବିଶ୍ୱବିଦ୍ୟାଳୟରେ ଯାହାସବୁ ପଢ଼ୁଛୁ ତାକୁ ପଚାଶ ଭାଗରେ ବିଭକ୍ତ କରି ଦିଆଯାଉ । ଆମ ଚାରିପଟେ ଯାହାସବୁ ଦେଖୁଛୁ ସେଗୁଡ଼ିକ କି କି ମୂଳ ଉପାଦାନରେ ଗଢ଼ା, ତାହା ଜାଣିବାକୁ ହେଲେ ଆମକୁ ଗୋଟାଏ ବିଦ୍ୟା ହାସଲ କରିବାକୁ ହେବ । ତାକୁହିଁ "କେମିତି ଶାସ୍ତ୍ର" ରସାୟନ ବିଦ୍ୟା ବା କେମିଷ୍ଟ୍ରୀ ବୋଲି କୁହାଯାଉଛି । ସେ ବିଦ୍ୟାର ଆରମ୍ଭ ହେଉଛି—ପ୍ରକୃତି ପ୍ରାୟ ୯୨ଟି ମୂଳ ଉପାଦାନ ତିଆରି କରି ଦେଲା । ସେଇ ଗୁଡ଼ିକର ଭାଗ ମାପ ବଦଳାଇ କେତେ ହଜାର ହଜାର ପଦାର୍ଥ ସୃଷ୍ଟି କରି ଦେଇଛି—ଯେମିତିକି ଉଦଜାନ ଓ ଅମ୍ଳଜାନର ଗୋଟାଏ ପାଗ ହେଲା ପାଣି । ଏହି ପାଠ ମଣିଷକୁ ଏଭଳି ବୁଦ୍ଧି ଦେଲା ଯେ ସେ ପ୍ଲାଷ୍ଟିକ ତିଆରି କରି ପକାଇଲା । ସେହି ପାଠରୁ ଲୋକେ କୋଇଲାରୁ ରଙ୍ଗ, ଅତର କାଢ଼ିଆଣି ପାରିଲେ । ତାପ ବିଜୁଳି ଆଲୋକ ପରମାଣୁ ଶକ୍ତି ଆଉ ଗୋଟିଏ ବିଦ୍ୟାର କଥା । ସେ ବିଦ୍ୟା ଅସାଧ୍ୟ ସାଧନ କରିବା ପାଇଁ ମଣିଷକୁ ଶକ୍ତି ଦେଲା । ଏଇ ଯେଉଁ ବିଜୁଳି ଆଲୁଅ ଦେଖୁଛ ତାହା ହେଉଛି ସେହି ପଦାର୍ଥ ବିଦ୍ୟାର ଦାନ । ପାହାଡ଼

Digitized by srujanika@gmail.com

ପର୍ବତ ନଦୀ ହ୍ରଦ ସମୁଦ୍ର ବିଷୟରେ ଯେଉଁମାନେ ସବୁକଥା ଜାଣୁଛନ୍ତି ସେମାନଙ୍କ ପାଠକୁ ଭୂଗୋଳ ବୋଲି କୁହାଯାଉଛି । ମୋର ଏହି ସାଙ୍ଗ ଜଣକ ଗଛଲତା ପାଠ ପଢ଼ିଛନ୍ତି, ପଢ଼ାଉଛନ୍ତି । ସମସ୍ତେ କହନ୍ତି ସେ ଉଦ୍ଭିଦ ବିଜ୍ଞାନ ବିଷୟରେ ଜାଣନ୍ତି । ଏମିତି କହି କହି ଗଲେ ଆମେ ପଚାଶ ପ୍ରକାରର ବିଦ୍ୟା କଥା କହି ପକାଇବା । ପ୍ରତ୍ୟେକ ବିଦ୍ୟା ଉପରେ ଯଦି କୋଡ଼ିଏ ପଚାଶଟି ଲେଖାଁ ବହି ଲେଖା ହୋଇଯିବ ସମସ୍ତେ ସବୁ ବିଷୟରେ କିଛି କିଛି ଜାଣିଯିବେ । ଏ ବର୍ଷ ତ ଦୁଇ ଲକ୍ଷ ୨୫ ହଜାର ପିଲା ମାଟ୍ରିକ ପରୀକ୍ଷାରେ ଦେଉଛନ୍ତି । ସେଥିଭିତରୁ ଧରନିଅ ପାଶ୍ କରିବେ ପ୍ରାୟ ଏକଲକ୍ଷ । ବାକି ଯେଉଁ ଦେଢ଼ ଲକ୍ଷ ରହିଗଲେ ସେମାନେ ଆଉ ଥରେ ଦି'ଥର ଚେଷ୍ଟା କରିବେ । ଏମିତି କରୁ କରୁ ପଚିଶ ହଜାର ପାଶ୍ କରିଗଲେ । ବାକି ଯେଉଁ ୧୦୦ ହଜାର କହିଲି ସେମାନେ ହୁଏତ ଗୃହବାସ କରିବେ, ବେପାର କରିବେ ବା କେଉଁଠି ଛୋଟ ଚାକିରିଟିଏ ଖୋଜିବେ । ତୁମେ ସବୁ କଲେଜରେ ପଢ଼ିବ, ନୂଆ ନୂଆ ଜ୍ଞାନ ଅର୍ଜନ କରିବ । ସେମାନେ କ'ଣ ଅଧାପାଠୁଆ ହୋଇ ରହିଯିବେ ? ଏମିତି ହେବ ଯେ ଯାହା ପଢ଼ିଥିଲେ ସେଥିରୁ ଅଧେ ବା ବାରପଣ ଭୁଲିଯିବେ । ସେହିମାନେ ଯଦି ପାଞ୍ଚଶହ ବହି ପଢ଼ିବେ ଅନେକ କଥା ଜାଣିଯିବେ । ମୋଟାମୋଟି ଭାବରେ ସେମାନଙ୍କର ଭଲ ଜ୍ଞାନ ହୋଇଯିବ ।

ତେଣିକି ନୂଆ କଥା ତ ହୋଇଯିବ ?

ଅଧ୍ୟାପକ ନବକିଶୋର ଆଉ ଚୁପ୍ ରହି ପାରିଲେ ନାହିଁ । କହି ପକାଇଲେ—ପ୍ରକୃତରେ ଯଦି ଏମିତି ହୋଇଯିବ ମୁଁ ଭାବୁଛି ଗୋଟାଏ ସମ୍ପୂର୍ଣ୍ଣ ନୂଆ କଥା ହୋଇଯିବ । ମୁଁ ଏମିତି ବିଚାରୁଛି—ଜଣେ ଇତିହାସରେ ଏମ୍.ଏ. ପାଶ୍ କଲେ । ସେ ତାଙ୍କ ପାଠ ଜାଣିଲେ । କିନ୍ତୁ ପରମାଣୁ ବିଦ୍ୟାର ଅଗ୍ରଗତି କିଭଳି ଭାବରେ ହେଉଛି ତାହା ସେ ଜାଣି ପାରିଲେ ନାହିଁ । ଖବର କାଗଜରେ ପତ୍ର ପତ୍ରିକାରେ ସେ ବିଷୟରେ ଅନେକ କଥା ବାହାରୁଛି, ସେ ସବୁକୁ ପଢ଼ି ସେ ରସ ପାଇ ପାରୁ ନାହାନ୍ତି, କାରଣ ପରମାଣୁ ବିଦ୍ୟାର ଅସଲ ଅସଲ କଥା ସେ ଜାଣି ନାହାନ୍ତି । ଓଡ଼ିଆ ବାବାଙ୍କ ପରାମର୍ଶ ଗ୍ରହଣ କରି ପରମାଣୁର ଗଠନ ଠାରୁ ଆରମ୍ଭ କରି ତା ଭିତରେ କେତେ ଶକ୍ତି ବା ଉର୍ଜା ରହିଛି ସେ ପର୍ଯ୍ୟନ୍ତ ଯଦି

Digitized by srujanika@gmail.com

ଦଶ ଖଣ୍ଡ ବହି ଲେଖି ଦିଆଯାଏ ଇତିହାସ ଅଧ୍ୟାପକଙ୍କର ଲାଭ ହେବ। ସେମିତି ସବୁ ବିଦ୍ୟା ବିଷୟରେ କୁହା ଯାଇପାରେ। ମୁଁ ଉଦ୍ଭିଦ ବିଜ୍ଞାନର ଜଣେ ଲୋକ। ଭାଷା ବିଜ୍ଞାନ ବିଷୟରେ ମୋର ସେଭଳି କିଛି ଧାରଣା ନାହିଁ। ସେ ବିଷୟରେ ଆଠ ଦଶ ଖଣ୍ଡ ଗ୍ରନ୍ଥ ବହି ପଢ଼ିଦେଲେ ମୁଁ ତ ଅନେକ କଥା ଜାଣିପିବି।

ଅସଲ କଥାଟି ଧରିଲ

ଅଜାଙ୍କ ମୁହଁରେ ହସ ଫୁଟି ଉଠିଲା। ସେ କହି ଉଠିଲେ— ଏତେବେଳେ ଜାଣି ଅସଲ କଥାଟି ଧରିଲ। ଯୁଗ ବଦଳି ଯାଇଛି ବୋଲି ମୁଁ ବି ତିନିଥର ଏଥିଭିତରେ କହିଲଣି। ତାହାର ଅର୍ଥ ହେଲା ପାଠ ପଢ଼ିବାଟା ନୂଆ ପ୍ରକାରର ହୋଇଗଲାଣି। ତୁମେ ଗୋଟାଏ ବିଷୟରେ ଯେତେ ଜାଣିଥାଅ ପଛକେ ସବୁ ବିଷୟରେ ଅଳ୍ପ ବହୁତେ କିଛି କିଛି ଜାଣିବା ଆବଶ୍ୟକ, ନ ହେଲେ ତୁମ ପାଠକୁ ମଧ୍ୟ ଭଲ କରି ଆୟତ୍ତ କରି ପାରିବ ନାହିଁ। ପୂର୍ବେ ଜଣେ ଯଦି ବି. ଏ. ପାଶ୍ ବା ମାଟ୍ରିକ୍ ପାଶ୍ ସାର୍ଟିଫିକେଟ ଦେଖାଇ ଦେଲା ସେ ଚାକିରି ପାଇ ଯାଉଥିଲା। ଏବେ କିନ୍ତୁ କଅଣ ହେଉଛି ? ପ୍ରଥମେ ପରୀକ୍ଷା କରାଯାଉଛି। ତାହାର ସାଧାରଣ ଜ୍ଞାନ କେତେ। କହିଲ, ସିଏତ ଅଫିସରେ କାମ କରିବ। ତା'ର କ'ଣ ଦରକାର ଅଛି ମହାକାଶକୁ ବିଜ୍ଞାନୀମାନେ କେବେ ଗୋଟାଏ



Digitized by srujanika@gmail.com

ଯାନ ପଠାଇଲେ ? ଦରକାର ନିଶ୍ଚୟ ଅଛି । କାରଣ ସେ ଯେଉଁ ଅଫିସରେ କାମ କରନ୍ତି ସେଠାରେ ମହାକାଶଯାନ ସାହାଯ୍ୟରେ କେମିତି ଚାରିଆଡ଼କୁ ବାର୍ତ୍ତା ପଠାଯାଉଛି, ଶବ୍ଦ ପଠାଯାଉଛି ସେ ବିଷୟରେ ବହୁତ ପ୍ରଶ୍ନ ଉଠୁଛି । ଇଏ ସେ ଅଫିସରେ କାମ କଲେ ମହାକାଶଯାନ ବିଷୟରେ ମୋଟାମୋଟି କିଛି ଜାଣିଥିବା ଦରକାର । ସେଇଥିପାଇଁ ସାଧାରଣ ଜ୍ଞାନ ପରୀକ୍ଷା କରାଯାଉଛି । ଯିଏ ପାଞ୍ଚଶହଟି ବିଷୟରେ କିଛି କିଛି ଜାଣିଛି ତାହାର ସାଧାରଣ ଜ୍ଞାନ ହୋଇଯାଇଛି ବୋଲି କୁହାଯିବ ।

ସେ କଣ ଏତେ ବହି ଲେଖିବେ ?

କାଲି ପରୀକ୍ଷା ଅଛି । ରାତିରେ ଯାଇ ପଢ଼ିବାର କଥା । କିନ୍ତୁ ପିଲାମାନେ ସତେ ଯେପରିକି ସେ ବିଷୟ ଭୁଲିଗଲେଣି । ଜଣେ ପଚାରିଲା—ଓଡ଼ିଆ ବାବା ଆସିଲେ ଯାଇ କଣ ଏସବୁ ବହିଲେଖା ହେବ ? ଆଉଜଣେ କହିଲା, ସେ ଏତେ ବହି କେତେଦିନେ ଲେଖିବେ ? ଆମେ ତ ପଢ଼ିପାରିବୁ ନାହିଁ ସ୍କୁଲ କଲେଜରେ ଥିଲାବେଳେ ।

ଅଜାଙ୍କର ସମୟ ହୋଇଗଲାଣି ଯିବା ପାଇଁ । ସେ ଉଠୁ ଉଠୁ କେବଳ ଏତିକି କହିଦେଲେ—ଜଣେ ଦି'ଜଣ ଏତେ ବହି ଲେଖିବେ ନାହିଁ । ଓଡ଼ିଆରେ କଣ ପଚିଶ ଜଣ ଖୁବ୍ ଯୋଗ୍ୟ ଲୋକ ନାହାନ୍ତି ପିଲାଙ୍କ ପାଇଁ ବହି ଲେଖିଦେବା ପାଇଁ । ଜଣେକେ ଦଶ ଖଣ୍ଡି ଲେଖାଁ ଲେଖିଦେଲେ ୫୦୦ ବହି ବାହାରି ପଡ଼ିବ । ସେମାନେ ଧୀରେ ସୁସ୍ଥେ ଲେଖିଲେ ମଧ୍ୟ ଦି'ଟା ବର୍ଷ ଭିତରେ ଶେଷ କରିଦେବେ । ମୁଁ ତ ସେହିମାନଙ୍କୁ ଖୋଜି ଖୋଜି ଏହିକଥା କହିବି । ଆଜିଠାରୁ ଆରମ୍ଭ କରିବି । ମୋର ପୂର୍ଣ୍ଣ ବିଶ୍ୱାସ ଏହି ଯୋଜନା କାମ ଦେବ ।

ତୁମେ ସବୁ ଯାଅ—କାଲିର ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅ । ପରୀକ୍ଷା ସରିଲେ ଦିନେ ଆମ ଘରକୁ ଯିବ । ସକାଳୁ ସଞ୍ଜଯାଏ ବସିବ । ତୁମେମାନେହିଁ କହିବ କଅଣ ସବୁ ଜାଣିବାକୁ ଇଚ୍ଛା କରୁଛ ।

ଘରୁ ବାହାରି ହରିବାବୁ ଅଳ୍ପ ଟିକିଏ ବାଟ ଯାଇଛନ୍ତି—ହଠାତ୍ ଠିଆ ହୋଇଗଲେ । "ମୋର ଗୋଟିଏ ଲଫାପା ଛୁଡ଼ି ଆସିଲି" ବୋଲି କହି ପଛକୁ ଫେରିଗଲେ । ପ୍ରକୃତରେ ଗୋଟିଏ ଓସାରିଆ ଲଫାପା ରହିଯାଇ-

Digitized by srujanika@gmail.com

ଥିଲା । ସେଥିରେ କ'ଣ ଅଛି ବୋଲି ପିଲାଏ ପଚାରି ଦେଲାରୁ ସେ କହିଲେ— ତାହା ହେଲେ ପୁଣି ଟିକିଏ ବସ । ଏହା ଭିତରେ ଗୁଡ଼ିଏ ଛବି ଅଛି । ସେଗୁଡ଼ିକ ଦେଖିଲେ ତୁମେ ମୋତେ ପୁଣି କେତେ କଥା ପଚାରିଥାଆନ୍ତ । ସେଇଥି ଯୋଗୁ ତାକୁ ଲୁଚାଇ ରଖିଦେଇଛି । ପିଲାଏ ହସି ଉଠିଲେ । ଜିଦ୍ ଧରିଲେ ଭଲା କହିଲେ, ଆମକୁ ଟିକିଏ ସେସବୁ ଛବି ଦେଖାନ୍ତୁ ।

ସେ ଗୋଟି ଗୋଟି କରି ସେଗୁଡ଼ିକ ମେଲାଇ ଦେଲେ । କେତୋଟି ଛବିକୁ ପିଲାଏ ଚିହ୍ନିଲେ । କିନ୍ତୁ ଆଉ କେତୋଟିକୁ ଚିହ୍ନି ପାରିଲେ ନାହିଁ । ହରିବାବୁ ଟିକିଏ ହସିଦେଇ କହିଲେ—ଏ ସବୁ ଚିତ୍ର ବିଷୟରେ ମୁଁ ତୁମକୁ କିଛି କହିବି ନାହିଁ । ଏଇଠି ରଖି ଦେଇଯାଉଛି । ତୁମେ ସବୁ ତାକୁ ଭଲ ଭାବେ ଦେଖିବ । ତୁମ ଭିତରେ ଆଲୋଚନା କରି ପଚରାପଚରି ହୋଇ ପ୍ରତ୍ୟେକ ଛବି ବିଷୟରେ ଧାରଣା କରିବ ଓ ଲେଖି ପକାଇବ । ଆଉ ଦିନେ ମୁଁ ଆସିଲେ ସେ ବିଷୟରେ କଥାବାର୍ତ୍ତା ହେବ । କିନ୍ତୁ ଆଜି ଗୋଟିଏ କଥା କହି ଦେଇଯାଉଛି । ଏ ଦୁନିଆରେ ଯେତେ ଯେତେ କଥା ଅଛି, ଯେତେ ଜୀବଜନ୍ତୁ ଅଛନ୍ତି ସମସ୍ତଙ୍କ ବିଷୟରେ ଗୋଟିଏ ଗୋଟିଏ ଚିତ୍ର ଅଙ୍କାଯାଇ ପାରେ । ଏବକାର ଫଟୋ ଯୁଗରେ ସମସ୍ତଙ୍କର 'ଚିତ୍ର' ଉଠାଇ ନିଆଯାଇ



ପାରୁଛି । ହଜାର ହଜାର ଜୀବ, ପାହାଡ଼, ପର୍ବତ, ନଦୀ, ସମୁଦ୍ର, ହଜାର ହଜାର ପ୍ରକାରର ଗଛ, ମନୁଷ୍ୟ ଓ ଜୀବଜନ୍ତୁଙ୍କ ଲୀଳା ସବୁ ବିଷୟରେ ଫଟୋ

Digitized by srujanika@gmail.com

ଉଠାଯାଇ ପାରୁଛି, ଶବ ଅଙ୍କାଯାଇ ପାରୁନି । ସେଗୁଡ଼ିକୁ ଯଦି ଜଣେ ଭଲ ଭାବରେ ଦେଖି ଧାରଣା କରିବାକୁ ବସିବ, ତା ଜୀବନଟା କଟିଯିବ ।

ଗୋଟିଏ ଗୋଟିଏ ଶବ ସତେ ଯେପରି ଗୋଟିଏ ଗୋଟିଏ ପୁରାଣର କଥା କହି ଦେଇ ପାରୁଛି । ଏହି ଡାହାଣ ପଟେ ଯେଉଁ ଛବିଟି ଦେଖୁଛ (ପୃଷ୍ଠା-୯) ସେଇଟି କ'ଣ ହୋଇଥିବ ଅନୁମାନ କରି କହିଲ ? ପିଲାଏ ତାକୁ ଭଲ କରି ଦେଖିଲେ । ଜଣେ କହିଲା, ଏଇଟି ଗୋଟିଏ ଶାଗୁଣା ଛବି । ଗଛ ଉପରେ ଶାଗୁଣାଟିଏ ବସିଛି । ଆଉ ଗୋଟିଏ ପିଲା କହିଲା, ଏଇଟି ଗୋଟିଏ ଗଛର ଛବି । ବେଶ ଛଙ୍କା ଗଛଟିଏ ହୋଇଛି । ରମା ବୋଲି ଯେଉଁ ଝିଅଟି ବସିଥିଲା ସେ କହିଲା, ଗଛ ତଳେ କ'ଣ ଗୋଟାଏ ନରକଙ୍କାଳ ଶୋଇଛି, ଆଉଜଣେ କଏ ତାକୁ ଦେଖୁଛନ୍ତି । ହରିବାବୁ ସେମାନଙ୍କୁ ବୁଝାଇଲେ— ଯାହା କହିଲେ ସବୁ ଠିକ୍ । ଶାଗୁଣା ଅଛି ଗଛ ଅଛି । ମଣିଷ ଦେହରୁ ଚମଡ଼ା ମାଂସ ଇତ୍ୟାଦି ସବୁ କାଢ଼ି ନେଲେ ଯେଉଁ ହାଡ ରହିଯିବ ତାହାର ଶବ ଠିକ୍ ଅଛି । ଜଣେ ତାକୁ ଯେ ମନ ଦେଇ ଦେଖୁଛନ୍ତି ସେଥିରେ କିଛି ଭୁଲ ନାହିଁ । କିନ୍ତୁ ଜଣେ ଡାକ୍ତରଙ୍କୁ ଯଦି ପଚାରିବ ଏଇ ଶବଟି କଅଣ ବୋଲି ସେ ତୁମକୁ ଗୋଟିଏ ଅତି ଚମତ୍କାର କଥା କହିବେ । ହଜାର ହଜାର ବର୍ଷ ତଳେ ଯେତେବେଳେ ଲୋକଟିଏ ମରିଯାଉଥିଲା ତାକୁ ଦୁଇଏତ ଦୂରରେ ନେଇ ଫୋପାଡ଼ି ଦେଇ ଆସୁଥିଲେ । ସେ ଶବକୁ କାଉ ଶାଗୁଣା ବିଲୁଆ କୁକୁର ଖାଇ ଦେଉଥିଲେ । ଶେଷକୁ ହାଡ଼ ରହି ଯାଉଥିଲା । ଯଦି ସେ ହାଡ଼କୁ ହେଟା ବା ବିଲୁଆ ଖାଇନାହାନ୍ତି ସେମିତି ଗୋଟାକଯାକ ଶୋଇ ରହିଲା ଭଳି ରହୁଥିଲା । ଆଉ କେଉଁଠି ଶବଟି ମାଟି ତଳେ ପୋତି ଦିଆଯାଏ । କୌଣସି କୌଣସି ସ୍ଥାନରେ ତାକୁ ପୋଡ଼ି ଦିଅନ୍ତି । ହାଡ ସହିତ ଜଳି ପୁଳାଏ ପାଉଁଶ ରହିଯାଏ । ଯେତେ ଯାହା କଲେ ମଧ୍ୟ ଜଣେ ଯଦି ମରିଗଲା ତାହା ଦେହଟା ଅପବିତ୍ର ହୋଇଗଲା ବୋଲି ସମସ୍ତେ ଧରି ନିଅନ୍ତି । ଦିନେ କେବି ଜଣେ କହିଲା ଯେ ମଣିଷ ମରିଗଲେ ଭୂତ ହୋଇଯାଏ, ଅନ୍ୟକୁ ଡରାଏ । ମଣିଷ ହାଡ଼ ପାଖକୁ କେହି ଯିବା ଠିକ୍ ନୁହେଁ ।

ଦିନେ ଜଣେ ଯାଉ ଯାଉ ଗୋଟିଏ ଗଛ ମୂଳେ ଗୋଟିଏ ନରକଙ୍କାଳ ଶୋଇଥିବାର ଦେଖିଲେ । ସେ ଆଉ ଭୟରେ ସେଠୁ ଗୁଲିଗଲେ ନାହିଁ ।

Digitized by srujanika@gmail.com

ସେ ଶାସ୍ତ୍ର ପୁରାଣ ପଢ଼ିଛନ୍ତି । ବହୁତ ବିଦ୍ୟା ହାସଲ କରିଛନ୍ତି । ମଣିଷ ଯେ ଭୂତ ହୁଏ ଏ ବିଶ୍ୱାସ ତାଙ୍କର କେବେହେଲେ ନଥିଲା । ତାଙ୍କର ଗୋଟାଏ ଝୁଙ୍କ, ସେ ଶ୍ମଶାନରେ ମଣିଷ ହାଡ଼ ଦେଖିଲେ ତା ପାଖରେ କିଛି ସମୟ ଠିଆ ହୁଅନ୍ତି । ହାଡ଼ଟିକୁ ପ୍ରକୃତି କେତେ ସୁନ୍ଦର ଭାବରେ ତିଆରି କରିଛି ସେ ଲକ୍ଷ୍ୟ କରନ୍ତି । କିନ୍ତୁ ସମସ୍ତ ଦେହରେ ସବୁ ହାଡ଼ ଖଞ୍ଜା ହୋଇଭଳି ରହିଥିବା କଥା ସେ କେବେ ଦେଖି ନଥିଲେ । ସେଦିନ ଯେତେବେଳେ ଦେଖିଦେଲେ ସେ ଆଶ୍ଚର୍ଯ୍ୟ ହୋଇ ଠିଆ ହୋଇଗଲେ । ଏହି ହାଡ଼ ପୁଞ୍ଜ ଭିତରେ କେତେ କେତେ ଜୀଅନ୍ତା ଯନ୍ତ୍ର ଖଞ୍ଜାଯାଇଛି ସେ କଥା ଭାବି ଭାବି ସେ ଆହୁରି ବିସ୍ମିତ ହୋଇଗଲେ । ଠିକ୍ କଲେ ଯେ ଗୋଟାଏ ଶବକୁ ସେ ନିଜ ହାତରେ କାଟିବେ, ଛାତି ଭିତରେ, ପେଟ ଭିତରେ, ମୁଣ୍ଡ ଭିତରେ କ'ଣ ସବୁ ଅଛି ଦେଖିବେ । ଦେଖିଲେ ଅନେକ କଥା ଜଣାପଡ଼ି ଯିବ । ମନୁଷ୍ୟ ଦେହ ଭିତରେ କେମିତି କ'ଣ ହେଉଥିବ ସେ ବିଷୟରେ ଠିକଏ ଧାରଣା କରିହେବ । ସତକୁ ସତ ସେ ସେଇଆ କଲେ । ତାଙ୍କରି ଯୋଗୁ ଲୋକ ଜାଣିଲେ, ମଣିଷ ଅଙ୍ଗ ଭିତରେ କେଉଁ କେଉଁ ଅଙ୍ଗ ଖଞ୍ଜା ଯାଇଥାଏ । ହାଡ଼ ଗୁଡ଼ିକୁ କାହିଁକି ଛୋଟ, ବଡ଼, ଲମ୍ବା, ଚେପ୍‌ଟା, ଗୋଲ କରାଯାଇଛି । ସେ ବାଟ ଦେଖାଇ ଦେଲାରୁ ଅନ୍ୟମାନେ ସେହିଭଳି କଲେ । ଦିନେ ମଣିଷ ଜାଣି ପାରିଲା, ଜୀଅନ୍ତା ଶରୀର ଭିତରେ କଅଣ ସବୁ ହେଉଛି, କେମିତି ହେଉଛି । ଗୋଟିଏ କଥାରେ କହିବାକୁ ଗଲେ, ଶରୀର ଶାସ୍ତ୍ର ବିଷୟରେ ଲୋକେ ଜାଣିଗଲେ । ଗୋଟିଏ ଚିତ୍ର ଯେତେବେଳେ ଏତେ କଥା କହିଦେଉଛି ହଜାର ହଜାର ଚିତ୍ର ସବୁ ଦେଖିଯିବ ଓ ସେ ବିଷୟରେ ବେଶୀ ନହେଲେ ବି ଟିକଏ ଟିକଏ ବୁଝିଯିବ ତାହାର କେତେ ଜ୍ଞାନ ହୋଇଯିବ ଅନୁମାନ କର ।

ସେ ପୁଣି କହିଲେ—ପିଲାଏ ଶୁଣ । ଏଇଠି ତ ଦଶ ବାରଟା ଚିତ୍ର ପଡ଼ିଛି । ପ୍ରତ୍ୟେକଟି ଉପରେ ଗୋଟିଏ ଗୋଟିଏ କାହାଣୀ କୁହାଯାଇପାରିବ, ଏମିତିକି ଗୋଟିଏ ଗୋଟିଏ ବହି ଲେଖିଦେଇ ହେବ । ଏହି ଛୋଟିଆ ଚିତ୍ରଟିକୁ ଦେଖାଉଛି । ହନୁମାନ ହାତରେ ଗୋଟିଏ ଆମ୍ବ, ତା ବାମହାତରେ ଗୋଟିଏ ଆମ୍ବଗଛ ଡାଳ । ସେ ସତେ ଯେମିତିକି ଉଡ଼ି ଉଡ଼ି ଚାଲି ଆସୁଛି । ଯିଏ ଏ ଚିତ୍ର ଆଙ୍କିଛନ୍ତି ସେ ଖାଲି ଏତିକି କହିଦେଉଛନ୍ତି ଯେ ଆମ ଦେଶରେ

Digitized by srujanika@gmail.com

ଆମ୍ବ ନ ଥିଲା । ହନୁମାନ ଯେତେବେଳେ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଲଙ୍କାକୁ ଯାଇଥିଲେ ସେତିକିବେଳେ ସେ ଦେଶରେ ଆମ୍ବ ଖାଇଲେ ଏବଂ ତାହାର ଗଛ ଓ ଟାକୁଆ ଭାରତକୁ ନେଇ ଆସିଲେ । ଭାରତରେ ଆମ୍ବ ଫଳିଲା । ହନୁମାନ କି, ସେ କାହିଁକି ଲଙ୍କାକୁ ଗଲେ ସେହି ବିଷୟରେ ଯେଉଁ ସବୁ କଥା ଲେଖା ଯାଇଛି ତାକୁ ରାମାୟଣ ବୋଲି କୁହାଯାଏ । ରାମାୟଣ ହେଉଛି ଗୋଟିଏ ପୁରାଣ । ସେହି ପୁରାଣ ଭିତରେ ବହୁ ଚମତ୍କାର କଥାକୁ ସଜାଇ ରଖିହୋଇଯାଇଛି । ଲୋକେ ପଢ଼ି ଖୁସି ହୋଇଯାଉଛନ୍ତି । ଏତେଣିକି ତୁମେ ପଚାରିବ, ପୁରାଣ କାହାକୁ କହନ୍ତି । ତାହାର ଉତ୍ତରରେ ପୁଣି ଗୋଟାଏ ବଡ଼ କାହାଣୀ ଶୁଣିବ ।

ସବୁ ପୁଣି ବସିଲଣି ଗୋଟିଏ କଥା କହିଦିଏ । ଆମର ୪୭ଟି ଅକ୍ଷର ଅଛି । ସେତିକି ଚିହ୍ନି ଦେଲେ ତୁମେ ଯେ କୌଣସି ଓଡ଼ିଆ ବହି ପଢ଼ିପାରିବ । ଆମ ହିମାଳୟ ପର୍ବତ ସେପଟେ ଚୀନ ବୋଲି ଗୋଟିଏ ଦେଶ ଅଛି । ସେ ଦେଶରେ ପ୍ରାୟ ୧୦୦ କୋଟି ଲୋକ ରୁହନ୍ତି । ସେ ଦେଶ ପିଲାଙ୍କୁ ସବୁ ଅକ୍ଷର ବୋଲି କ'ଣ ପଚାରିବ ସେମାନେ କହିପାରିବେ ନାହିଁ । ତାହେଲେ ସେ ଦେଶରେ କ'ଣ ସମସ୍ତେ ମୂର୍ଖ ? ନାଁ ସେଇଟି ଗୋଟିଏ ସଭ୍ୟ ଦେଶ । ହଜାର ହଜାର ବହି ସେଠାକାର ଲୋକେ ପଢ଼ନ୍ତି, ବହୁ ପଣ୍ଡିତ ସେ ଦେଶରେ ଜନ୍ମ ହୋଇଛନ୍ତି । ଯାହା କହୁଛନ୍ତି ତାକୁ ଲେଖିବା ପାଇଁ ସେମାନେ ଗୋଟିଏ ନୂଆ ବାଟ ବାହାର କଲେ । ସବୁ ଜିନିଷ ପାଇଁ ଗୋଟିଏ ଗୋଟିଏ ଚିହ୍ନ କରିଦେଲେ । ବଗିଚା ପାଇଁ ଗୋଟିଏ ଚିହ୍ନ । ଆମେ ଯେମିତି ବଗିଚା ବୋଲି ଲେଖା ଥିବାର ଦେଖି ଦେଲେ ବୁଝିଯାଉଛୁ ସେଇଟି କଅଣ, ସେମାନେ ସେମିତି ପାଖକୁ ପାଖ ଲାଗିଥିବା ଦୁଇଟି ଚିହ୍ନ ଦେଖିଦେଲେ କହି ଦେଉଛନ୍ତି, ଏଠାରେ ବଗିଚା ବୋଲି ଲେଖା ଯାଉଛି । ଆ ଓ



Digitized by srujanika@gmail.com

ସ କୁ ପାଖକୁ ପାଖ ଲେଖିଦେଲେ ଆମେ ପଢ଼ିଦେଉଛୁ ଆସ । ଠିକ୍ ସେହି କଥା ବୁଝାଇବା ପାଇଁ ସେମାନେ କେମିତି ଗୋଟିଏ ଚିହ୍ନ ଆଙ୍କୁଛନ୍ତି ଲକ୍ଷ୍ୟ କର। ସବୁ ଶବ୍ଦ ପାଇଁ ଗୋଟିଏ ଗୋଟିଏ ଚିହ୍ନ ।

ପିଲାଏ ଏ କଥା ଶୁଣି କାବା ହୋଇଗଲେଣି । ତାହେଲେ କ'ଣ ହଜାର ହଜାର ଚିହ୍ନକୁ ଚିହ୍ନିଲେ ଯାଇ ଚୀନ ଦେଶର ପିଲା ପାଠ ପଢ଼ୁଛନ୍ତି ? ହରି ବାବୁ କହିଲେ—ତୁମେ ଯାହା ପଚାରିଲ ତା' ଏକାବେଳକେ ଠିକ୍ । ଯେଉଁମାନେ ସେ ଦେଶରେ ପଣ୍ଡିତ ସେମାନେ ଏହିଭଳି ୪୦ ହଜାର ଚିହ୍ନକୁ ଚିହ୍ନୁଛନ୍ତି, ମନେ ରଖୁଛନ୍ତି, ପୁଣି ଆଙ୍କୁଛନ୍ତି । ଏତେ କଥା କଲେ ଯାଇ ଜଣେ ଚୀନା ଭାଷା ଭଲ ଭାବେ ବୁଝୁଛି ବା ସେ ଭାଷାରେ ଲେଖୁଛି ବୋଲି କୁହାଯିବ । ଅତି କମ୍‌ରେ ଆଉ ଦଶ ହଜାର ଚିହ୍ନ ନ ଚିହ୍ନିଲେ ଆଙ୍କି ନ ଶିଖିଲେ ଜଣେ ପାଠ ପଢ଼ିଛି ବୋଲି କୁହାଯାଇ ପାରିବ ନାହିଁ । ଏବେ କିନ୍ତୁ ସେମାନେ ଗୋଟାଏ କଥା ବୁଝିଲେଣି । ଅଭ୍ୟାସ କରି କରି ସିନା ଚୀନା ଲୋକେ ତାଙ୍କର ବହି ପଢ଼ି ଯାଉଛନ୍ତି ବା ଲେଖି ଯାଉଛନ୍ତି । ବିଦେଶର ଲୋକେ ସେକଥା କରିପାରୁ ନାହାନ୍ତି । ତେଣୁ ସେମାନଙ୍କ ଭାଷାକୁ ସେମାନେ ଗୋଟାଏ ଅକ୍ଷର ଗୁଚ୍ଛରେ ପକାଇବାକୁ ଚେଷ୍ଟା କରୁଛନ୍ତି । ଇଂରାଜୀ ଭାଷା ଯେଉଁ ୨୬ଟି ଅକ୍ଷରରେ ଲେଖା ଯାଉଛି, ଚୀନା ଭାଷା କିଭଳି ସେତିକି ଅକ୍ଷରରେ ଲେଖାଯାଇ ପାରିବ ତାହାର ଚେଷ୍ଟା ଚାଲିଛି । ସେ ଦିଗରେ ପଣ୍ଡିତମାନେ ବହୁତ ଦୂରକୁ ଆଗେଇ ଗଲେଣି । ଦିନେ ଆମେ ବି ସେ ଭାଷା ପଢ଼ି ପାରିବା, ହୁଏତ ବୁଝି ପାରିବା ।

ଜଣେ ପିଲା ପଚାରିଲା—ଚୀନ ଦେଶର ପିଲାଙ୍କର ତ ଚିହ୍ନକୁ ଚିହ୍ନିବାରେ ବହୁତ ସମୟ ବିତିଯାଉଥିବ—ସେମାନେ ବହି ପଢ଼ୁଥିବେ କେତେବେଳେ ? ଅଜା ଦେଖିଲେ ଯେ ପିଲାଙ୍କ ମନରେ ଗୋଟାଏ ସନ୍ଦେହ ରହିଯାଉଛି । ଟିକିଏ ଭାବିଲାପରେ କହିଲେ—'ଏଇଟି କଅଣ କହିଲ' । ପିଲାଏ କହିଉଠିଲେ—କାଉ ଦେହରେ ମୟୂର ଚନ୍ଦ୍ରିକା ଖଞ୍ଜାଯାଇଛି । ଆଉ ଗୋଟିଏ ଦେଖାଇଲା ବେଳକୁ ସେମାନେ କହିଲେ—'ଏଇଟା ମଶା' । ଆଉ ଛବିକୁ ଦେଖୁ ଦେଖୁ —'ଏଇଟା ତ ଓଟ' । ହରିବାବୁ ପଚାରିଲେ—ଆଚ୍ଛା,

Digitized by srujanika@gmail.com

ସେ ସବୁ ଛବିତଳେ ତ କିଛି ଲେଖାଯାଇ ନାହିଁ, ତୁମେ ସବୁ କହିପାରୁଛ କେମିତି ? ପିଲାଏ ଉତ୍ତର ଦେଲେ—"ଆଗରୁ ସେ ସବୁ ଚିହ୍ନ ଦେଖିଛୁ ବୋଲି ମନ ଭିତରେ ରହିଯାଇଛି ।" ତାହାହେଲେ—"ଚିହ୍ନ ସାଙ୍ଗରେ କଥାଟିର ଘନିଷ୍ଠ ସମ୍ପର୍କ ରହିଛି—ଏଇ ହେଲା କଥା ? ଅଜା—"ଯଦି ହଁ, ଚୀନା ପିଲା ସେମିତି ଦେଖି ଦେଖି ମନଭିତରେ ରଖି ଦେଉଛନ୍ତି କେଉଁ ଚିହ୍ନ କଣ ବୁଝାଉଛି । ମୁଁ ଯଦି ଆମ୍ବ ଚିହ୍ନ ଆଙ୍କିଦେବି ତୁମେ ହଠାତ୍ କହିଦେବ "ଆମ୍ବ" । ଆମକୁ ଯେମିତି କଷ୍ଟ ଜଣା ପଡ଼ୁଛି ସେ ଦେଶର ଲୋକଙ୍କୁ ସେମିତି କଷ୍ଟ ଜଣାପଡ଼େ ନାହିଁ ।

ପିଲାଏ ଏଣିକି ଯାଆନ୍ତୁ ବୋଲି କହିବାରୁ ସେମାନେ ସମସ୍ତେ ବିଦାୟ ନେଲେ । ହରିବାବୁ କିନ୍ତୁ ନ ଉଠନ୍ତି । ସେ କହିଲେ—ଶାର, ମୋ ମୁଣ୍ଡ ଭିତରେ ଆଉ ଗୋଟାଏ କଥା ମିଶିଗଲାଣି । ତୁ ହୁଏତ କହିବୁ ମୁଁ ପୁଣି ଥରେ ପାଗଳ ହେଲିଣି । ଆମେ ଦୁଇଜଣ ଯାକ ବସିବା । ମୋ ମନର କଥା କହିବି । ତୁମେ ସବୁ ଟିକିଏ ଧୈର୍ଯ୍ୟ ଧରି ଶୁଣ । ମୋ କଥାରେ କେଉଁଟା ଭୁଲ ମୋତେ କହିବ ।

ଏଠାକୁ ଆସିଲା ପୂର୍ବରୁ ମୁଁ ଭାବୁଥିଲି ଧୀରେ ସୁସ୍ଥେ ପାଞ୍ଚଶହ ବହି ଲେଖିଲେ ଚଳିବ । କିନ୍ତୁ ବର୍ତ୍ତମାନ ଭାବୁଛି ଆଉ ଧୀରେ ସୁସ୍ଥେ କଥା ଚଳିବ ନାହିଁ । ଆଉ ଆମ ହାତରେ ବେଶୀ ସମୟ ନାହିଁ । ଆଜି ହେଲା ୧୯୮୪ । ଆଉ ଷୋହଳ ବର୍ଷ ପରେ ବିଂଶ ଶତାବ୍ଦୀଟା ଶେଷ ହୋଇଯିବ—ଆସିଯିବ ଏକବିଂଶ ଶତାବ୍ଦୀ । ସେତେବେଳକୁ ଆମେ ସବୁ ନଥିବୁ । ଏହି ଦୁଇଜଣ ଯୁବକ ଅଧ୍ୟାପକ ତ ନିଶ୍ଚୟ ଥିବେ । ସେମାନଙ୍କୁ ଖୁବ୍ ହେଲେ ତେୟାଳିଶ ଚଉରାଳିଶ ବର୍ଷ ହୋଇଥିବ । କିନ୍ତୁ ଆମ ପାଖରେ ଏଇ ଯେଉଁ ପିଲାମାନେ ବସିଥିଲେ ସେମାନେ ଅଣତିରିଶ ତିରିଶ ବର୍ଷର ଯୁବକ ଯୁବତୀ ହୋଇଥିବେ । ପୂରା ଉତ୍ସାହରେ ସେମାନେ ଜୀବନଯାତ୍ରା ଆରମ୍ଭ କରୁଥିବେ । ଭବିଷ୍ୟତ ବିଷୟରେ ସେମାନେ କେତେ କଅଣ ଭାବୁଥିବେ । "ଆମେ ଏକବିଂଶ ଶତାବ୍ଦୀର ନାଗରିକ" ବୋଲି କହି ଗର୍ବ ଅନୁଭବ କରୁଥିବେ । ପୃଥିବୀଟା ଗୋଟାଏ ନୂଆ ଯୁଗରେ ପଡ଼ିବାକୁ ଯାଉଥିବ । ଖବର କାଗଜରେ ବିଜ୍ଞାପନ ବାହାରୁଥିବ—"ଚନ୍ଦ୍ର ପୃଷ୍ଠରେ ଦୁଇବର୍ଷ ରହିବା ପାଇଁ ଲୋକ

Digitized by srujanika@gmail.com

ଦରକାର । ଯେଉଁମାନେ ସେଠାରେ ଦୁଇବର୍ଷ ରହି ଏଇ ଏଇ କାମ କରି ଫେରୁଥିବେ ସେମାନଙ୍କୁ ଏଇ ଏଇ କାମରେ ଲଗାଯିବ । ଜୀବନଯାକ ସେମାନେ ସେହି କାମ କରିବେ । ନିୟମ କାଳ ଶେଷ ହୋଇଯିବାର ବା ପେନ୍‌ସନ୍ ପାଇବାର ପ୍ରଶ୍ନ ନଥିବ । ସେମାନେ ଯେତେ ଯେତେ ବୁଢ଼ା ହେଉଥିବେ ସେତେ ସେତେ ଅଧିକ ଜ୍ଞାନ ଅର୍ଜନ କରୁଥିବେ । ଅଧିକରୁ ଅଧିକ ଅଭିଜ୍ଞତା ସେମାନଙ୍କର ହେଉଥିବ । ତେଣୁ ସେମାନଙ୍କର ଦରମା ବଢ଼ୁଥିବ । ସେମାନେ ଯଦି କହିବେ ଆମେ ଆଉ ଏହି କାମ କରିବୁନାହିଁ—ସେମାନଙ୍କୁ ଖୁସାମତ ମଙ୍ଗାମତ କରି ରଖାଯାଉଥିବ" । ସେହି ବିଜ୍ଞାପନରେ ତାହାପରେ ଲେଖାଯାଇଥିବ—"ଚନ୍ଦ୍ରକୁ ଯିବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କର ଯୋଗ୍ୟତା ହେଲା—ସେମାନେ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ରହୁଥିବେ । ବର୍ଷେ ସେମାନଙ୍କୁ ଷ୍ଟାଇପେଣ୍ଡ ଦେଇ ପୃଥିବୀ ପୃଷ୍ଠରେ ରଖାଯାଇ ଲକ୍ଷ୍ୟ କରାଯିବ ସେମାନେ ସୁସ୍ଥ ରହୁଛନ୍ତି ବା ସେମାନଙ୍କୁ କୌଣସି ରୋଗ ଧରୁଛି । ରୋଗ ହେଲେ ତୁରନ୍ତ କେମିତି ଭଲହେବ ସେ ବିଷୟରେ ସେମାନଙ୍କୁ ସେହି ବର୍ଷକ ଭିତରେ ଜ୍ଞାନ ହାସଲ କରିବାକୁ ପଡ଼ିବ । ସେମାନଙ୍କୁ ପଚିଶଟା ଯନ୍ତ୍ର ଧରାଇ ଦିଆଯିବ । ସେହି ଯନ୍ତ୍ର ଗୁଡ଼ିକୁ ଚଳାଇବା ମରାମତି କରିବାରେ ତାଲିମ ପାଇବେ । ଏଇ ପର୍ଯ୍ୟନ୍ତ ଇଂରାଜୀବିଦ୍ୟାରେ ଜ୍ଞାନ ନଥିଲେ ଚଳିବ ନାହିଁ । ଇଲେକ୍‌ଟ୍ରୋନିକ ଯନ୍ତ୍ର ଯେଉଁସବୁ ଆଲୋକ ସଙ୍କେତ ଦେଉଛି, ତାକୁ ବୁଝିବାର ସାମର୍ଥ୍ୟ ପ୍ରାର୍ଥୀଙ୍କର ଥିବା ଦରକାର । ହଠାତ୍ ଗୋଟାଏ ସମସ୍ୟା ଦେଖାଦେଲେ ତାହାର ସମାଧାନ କରିବା ପାଇଁ ସେ କିଭଳି କଅଣ କରୁଛନ୍ତି ତାହା ଶୀଘ୍ର ଶୀଘ୍ର କରି ପାରୁଥିବେ । ସେ ଉଡ଼ାଜାହାଜ ଚଳାଇବା ଶିଖିବେ, ମହାକାଶ ବିଷୟରେ ହଜାରଟି ପ୍ରଶ୍ନର ଉତ୍ତର ଦେଇ ପାରୁଥିବେ" । ଆଚ୍ଛା ଆର କହିଲୁ, ଆମର ଏଇ ପିଲା କ'ଣ ଚନ୍ଦ୍ର ପୃଷ୍ଠକୁ ଯିବା ପାଇଁ ଇଚ୍ଛା କରିବେ ନାହିଁ ? ଯଦି ଇଚ୍ଛା କରିବେ ବିଜ୍ଞାପନରେ ଲେଖାଯାଇଥିବା ଯୋଗ୍ୟତା ତ ସେମାନଙ୍କର ଥିବା ନିଶ୍ଚୟ ଦରକାର । କେବଳ ସ୍କୁଲ କଲେଜ ପାଠ କ'ଣ ସେମାନଙ୍କୁ ଏହି ଯୋଗ୍ୟତା ଦେଇଦେବ ? ନିଜ ପାଠ ବାହାରେ କେତେକଥା ଜାଣିଲେ ଯାଇ ସେମାନେ ଯୋଗ୍ୟ ବୋଲି ବିବେଚିତ ହେବେ, ଟିକିଏ ତୁ ଅନୁମାନ କଲୁ !

Digitized by srujanika@gmail.com

ମୁଁ ପୁଣି କହୁଛି—ପିଲାଙ୍କୁ ଯଦି ବହୁତ କଥା ନ ଜାଣିବେ ପରେ ଇଚ୍ଛା କଲେ କ'ଣ ହଠାତ୍ ଜାଣିନିବେ । ଗୋଟିଏ କଥା ଜାଣୁଥିବେ—ତାକୁ ମନ ଭିତରେ ଖେଳାଉଥିବେ । ଯେଉଁଠି ଟିକିଏ ବୁଝିବାର ଅସୁବିଧା ହେଲା ପଚାରି ବୁଝିବେ । ତାହାହେଲେ ଯାଇ ମନ ଭିତରେ କଥାଟା ଠିକ୍

ଲଖିଯିବ । ଯଦି ମୋ ଭାବନାଟା ଶତ୍ରାଟା ଠିକ୍ ତେବେ ଶୀଘ୍ର ଶୀଘ୍ର ଅଧିକ ପିଲାଙ୍କ ପାଇଁ ଶବ୍ଦ ଶବ୍ଦ ବହି ଲେଖା ହୋଇଯିବା ଦରକାର । କଲେଜର

Digitized by srujanika@gmail.com

ଜଣେ ଇତିହାସ ପଢୁଥିବ ପାଶ୍ କରିବା ପାଇଁ, ଡିଗ୍ରୀ ହାସଲ କରିବାପାଇଁ । ଏଣେ ଡାକ୍ତରି ବହି ପଢ଼ି ଯାଉଥିବ ଶରୀର ବିଷୟରେ ଜ୍ଞାନ ଅର୍ଜନ କରିବା ପାଇଁ । ଡାକ୍ତରି ବହି ପଢ଼ି ବୁଝିବା ତା' ପକ୍ଷରେ ସହଜ ହୋଇ ଯାଉଥିବ— କାରଣ ସେ ପିଲାବେଳୁ ଦେହ ବିଷୟରେ କୋଡ଼ିଏଟା ଗପ ବହି ପଢ଼ି ଯାଇଛି । ଯୁଆଡ଼ୁ ଯେତେ ପ୍ରକାରେ ବିଚାରିଲେ ମଧ୍ୟ ମୁଁ ଧରି ନେଇଛି ଯେ ହାତରେ ସମୟ ବେଶୀ ନାହିଁ । ଆମ ପିଲାମାନଙ୍କୁ ଆଜଠୁଁ ପ୍ରସ୍ତୁତ କରିବାକୁ ହେବ—ତାଲିମ ଦେବାକୁ ହେବ ।

ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଟିକିଏ ବାଧାଦେଇ କହିଲେ— କ୍ଷମା କରିବେ, ମୋ ମନ ଭିତରେ ଗୋଟାଏ ସନ୍ଦେହ ସୃଷ୍ଟି ହେଲାଣି । କଥାଟା କେମିତି ଟିକିଏ ଗୋଳମାଳିଆ ଧରିଯାଉଛି । ଇତିହାସ ବିଷୟକୁ ଯିଏ ଏମ୍. ଏ. କ୍ଲାସରେ ପଢ଼ୁଥିବେ ସିଏ ଡାକ୍ତରି ବହି ପଢ଼ିବାକୁ କ'ଣ ଏତେ ସମୟ ପାଇବେ ?

ନରିବାବୁ ତାଙ୍କ ପିଠିରେ ହାତ ମାରିଦେଇ କହି ପକାଇଲେ— ତୁମେ ଯେ ଏଭଳି ଗୋଟାଏ ପ୍ରଶ୍ନ ପଚାରି ଦେଇଲ ସେଇଥିରୁ ଜଣା ପଡ଼ୁଛି ମୋର ଏତେ ଗପିବାଟା ବୃଥା ହେଇନାହିଁ । ତୁମ ପ୍ରଶ୍ନର ଉତ୍ତର ଶୁଣ ।

ମଣିଷର ବୁଦ୍ଧି ଆଗେଇ ଆଗେଇ ଯାଉଛି । ଗଲାବେଳେ ସେ ପୁରୁଣା କଥାଟିକୁ ନୂଆ ଅର୍ଥରେ ବୁଝୁଛି । ଗୋଟିଏ ଗୋଟିଏ ଶବ୍ଦର ପୁରୁଣା ଅର୍ଥକୁ ଠିକ୍ ଭାବରେ ରଖି ତା' ଦେହରେ ନୂଆ ଅର୍ଥ ଝଞ୍ଜି ଦିଆଯାଉଛି । ସେଦିନ ଜଣେ ଭାଷଣ ଦେଉଥିଲେ, "ଶିଶୁ ସାହିତ୍ୟ" ଉପରେ । ଆରମ୍ଭରୁ ସେ କହିଦେଲେ—"ଶିଶୁ ଏବଂ ସାହିତ୍ୟ—ଉଭୟର ଅର୍ଥ ଏଭଳି ବଦଳିଗଲାଣି ଯେ ସେହି ଦୁଇଟି ଅତି ପୁରୁଣା ଶବ୍ଦକୁ ଆଉ ଚିହ୍ନି ହେଉନାହିଁ । ଆଜିର ଶିଶୁକୁ କହି ହେଉନାହିଁ, "ତୁ ପିଲାଲୋକ କଅଣ ବୁଝିବୁ ? ବଡ଼ ହେଲେ ଜାଣିବୁ" । ଏଭଳି କହିଲେ ସେ ହସି ଦେଉଛି । କାରଣ ରେଡ଼ିଓ ଓ ଟେଲିଭିଜନ ତାକୁ ଏତେ କଥା ଶିଖାଇ ଦେଉଛନ୍ତି ଯେ ଆମକୁ ତିରିଶ ପଚିଶ ବର୍ଷ ବୟସ ହେଲାବେଳକୁ ମଧ୍ୟ ଯାହା ଜାଣି ନଥିଲୁ ସେ ତାହା ଜାଣିଗଲେଣି । ଅନୁଭବରୁ କହିବାକୁ

Digitized by srujanika@gmail.com

ଗଲେ ସେ ଆଉ ସେହି ପୁରୁଣା ଅର୍ଥରେ ଶିଶୁ ନୁହନ୍ତି । ଦ୍ୱିତୀୟରେ 'ସାହିତ୍ୟ' ବୋଲି ପିଲାଙ୍କ ପାଇଁ ଯେଉଁ ଅର୍ଥ ଥିଲା ତାହା ବଦଳିଗଲାଣି । ବୁଢ଼ୀ ଅସୁରୁଣୀ ଗପ, ଇସପ କାହାଣୀ ଶୁଣିବାକୁ ସେମାନେ ଆଉ ପ୍ରସ୍ତୁତ ନୁହନ୍ତି । ସେହି ବୁଢ଼ୀ ଅସୁରୁଣୀ ଗପକୁ ସେମାନଙ୍କୁ ନୂଆ ଢଙ୍ଗରେ କହିଦେଲେ ଯାଇ ସେମାନଙ୍କର ମନ ବୋଧ ହେଉଛି । "ବୁଢ଼ୀ ଅସୁରୁଣୀ ନିଜର ଗୋଟାଏ ଗୋଡ଼କୁ ଚୂଲି ଭିତରେ ପୂରାଇ ଦେଇଥାଏ । ଚୂଲି ଭିତରେ ଗୋଡ଼ଟା ଜାଳିଭଳି ଜଳୁଥାଏ । ଭାତ ହାଣ୍ଡି ତା' ଉପରେ ବସିଥାଏ— ବୁଢ଼ୀ ଅସୁରୁଣୀ ଏବେ ନାତି ନାତୁଣୀଙ୍କୁ କାହାଣୀ ଶୁଣାଉଥାଏ— ଏହି ଗପଟା ଦିନେ ପିଲାଙ୍କୁ ଭଲ ଲାଗୁଥିଲା । ଏଣିକି ସେମାନଙ୍କୁ କହିବାକୁ ପଡ଼ୁଛି—ବୁଢ଼ୀ ଅସୁରୁଣୀ ଯାହା କରୁଥିଲା ସେମିତିକା କଥା ଆଜି ଶହ ଶହ ଘରେ ହେଲାଣି । ରୋଷେଇ ଘରେ ଗ୍ୟାସ୍ ଚୂଲି ରହିଛି । ତା' ଉପରେ ପ୍ରେସର କୁକର ବସିଛି । ଭାତତଳା ଚାଲିଛି—ଭାତ ହୋଇଗଲେ ସେ ଚୂଲି ହୁଇସିଲ ମାରିଲାଭଳି ଡାକ ଦେଉଛି । ନ ଡାକିଲା ପର୍ଯ୍ୟନ୍ତ ମା' ପିଲାଙ୍କୁ ଏ ଘରେ ବସି ଗପ ଶୁଣାଉଛି । ତେଣୁ ଶିଶୁ ଏବଂ ସାହିତ୍ୟ— ଉଭୟର ଅର୍ଥ ବଦଳି ଗଲାଣି ।

ସେମିତି ତୁମେ ଯେଉଁ ଇତିହାସ ପଢ଼ୁଛ ତାହାର ଅର୍ଥ ଗୋଟାଏ ଦୃଷ୍ଟିରୁ ବଦଳିଗଲାଣି । କେଉଁ ରାଜା କେବେ ଗାଦିରେ ବସିଲେ ତାଙ୍କ ରାଜୁତି କେମିତି ଚାଲିଥିଲା, ସେ କେମିତି ଦିଗ୍‌ବିଜୟରେ ବାହାରିଲେ, ତାଙ୍କ ପୁଅ କେବେ ପୁଣି ଗାଦିରେ ବସିଲେ—ଏଗୁଡ଼ାକ ଆଉ ସେଭଳି କିଛି ଇତିହାସ ନୁହେଁ । ମଣିଷ ଜାତି କେମିତି ପ୍ରଥମେ ଲୁହାକୁ ପଥର ଭିତରୁ ବାହାର କଲା ତାହାର ଇତିହାସ ଜାଣିବାକୁ ଆଜିର ବ୍ୟଗ୍ର । ସେହି ଯୁଗରୁ ଆଜି ପର୍ଯ୍ୟନ୍ତ ମନୁଷ୍ୟ ଯେ ଆଗେଇ ଯାଇଛି ସେଥିରେ ଭିନ୍ନ ଭିନ୍ନ ଧାତୁ କିଭଳି କଅଣ ଭାଗ ନେଇଛନ୍ତି ତାହାର ଇତିହାସ ଜାଣିଲେ ଆମର ବହୁତ ଉପକାର ହେବ । ମଣିଷ ତାହା ନିଜ ଶରୀର ବିଷୟରେ କିଭଳି କ୍ରମେ ଅଧିକରୁ ଅଧିକ ଜ୍ଞାନ ହାସଲ କଲା ତାହାର ଇତିହାସ କାହିଁକି କାଲେଜର ଇତିହାସ ପାଠ୍ୟକ୍ରମରେ ନ ରହିବ ? ଆଜି ହୁଏତ ଏକଥା କହିଲେ କେହି କେହି ହସିବେ, ଥଟ୍ଟା କରିବେ—କିନ୍ତୁ ଦିନେ ଇତିହାସ କହିଲେ ବୁଝାଇବ ମଣିଷ ଯେଉଁ ଜ୍ଞାନ ଆଜି ଅର୍ଜନ କରିଛି ତାହାର ହିଁ ଇତିହାସ ।

Digitized by srujanika@gmail.com

ଯିବାବେଳ ହେଲାଣି । ହରବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହିଲେ—ମୋ ମନରେ ଆଜି ଟିକିଏ ହେଲେ ସନ୍ଦେହ ନାହିଁ ଯେ ଆମ ପିଲାଏ ଅଳ୍ପ ବୟସରୁ ଦୁନିଆର ସବୁକଥାର ଅସଲ ମରମ ବୁଝିବା ଦରକାର । ତା' ନହେଲେ ଆଜିକାଲିର ଦୁନିଆରେ ସେମାନେ ଉନ୍ନତି କରି ପାରିବେ ନାହିଁ ।

ହରବାବୁଙ୍କଠାରୁ ବିଦାୟ ନେଇ ତିନିଜଣଯାକ ଫେରିଲେ । ଦୁଇଜଣଯାକ ଅଧ୍ୟାପକଙ୍କ ଚେହେରା ସତେ ଯେପରି କି ବଦଳିଯାଇଛି । ସେମାନଙ୍କ ମୁହଁକୁ ଚାହିଁଲେ ଜଣାପଡ଼ୁଛି ମନେ ମନେ କଣ ଗୋଟାଏ ଭାବୁଛନ୍ତି । ଟିକିଏ ସଙ୍କୋଚ କଲାଭଳି ହରବାବୁଙ୍କୁ କହିଲେ—

ଏବେ ଆମେ ବୁଝିଲୁ ଆମ ପାଠ ବ୍ୟବସ୍ଥାରେ କେଉଁଠି ଦୋଷ ରହିଯାଇଥିଲା । ଯେଉଁ ଦୀର୍ଘ ଦେଢ଼ଶହ ବର୍ଷ ଭିତରେ ଦୁନିଆଟା ଆଗେଇ ଯାଉଥିଲା ସେହି ସମୟରେ ଆମ ଦେଶ ରହିଗଲା ପରାଧୀନ । ବିଦେଶର ଗୋଟାଏ ଭାଷାରେ ଆମକୁ ଶିକ୍ଷା ଦିଆଗଲା । ଖୁବ୍ ଅଳ୍ପ ସଂଖ୍ୟକ ଲୋକେ ଇଂରାଜୀ ପଢ଼ିଲେ । ଯେଉଁମାନେ ବି ପଢ଼ିଲେ ସେମାନଙ୍କ ଭିତରୁ ସମସ୍ତେ ସେହିଭାଷାକୁ ଭଲଭାବରେ ଆୟତ୍ତ କରିପାରିଲେ ନାହିଁ । ତେଣୁ ଆମେ ରହିଗଲୁ ଅସଲ ଜ୍ଞାନର ବହୁ ଦୂରରେ । ତାହା ସାଙ୍ଗକୁ ଆମ ପାଠ୍ୟ ପୁସ୍ତକସବୁ ଏମିତି ଭାବରେ ଲେଖାଗଲା ଯେ ସେଗୁଡ଼ିକୁ ପଢ଼ି ବୁଝି ଆନନ୍ଦ ପାଇବା ଅବସ୍ଥା ରହିଲା ନାହିଁ । ଆପଣ ଯେମିତି ବର୍ଣ୍ଣୁଛନ୍ତି ସେମିତିକା ଯଦି ହୋଇଯିବ ପିଲାମାନେ ବହିଗୁଡ଼ିକ ପଢ଼ି ଆନନ୍ଦ ପାଇବେ । ଯେଉଁଥିରୁ ଆନନ୍ଦ ମିଳେ ତାହା ସହଜରେ ମନେ ରହିଯାଏ । ଏହା ସାଙ୍ଗକୁ ଆଉ ଗୋଟାଏ କଥା ହୋଇଯିବ । ବାପ, ମା, ପିଲା—ସମସ୍ତେ ସେ ସବୁ ବହି ପଢ଼ିବେ । ପିଲା ଯେଉଁଠା ବୁଝି ନ ପାରିବେ ବାପା ମା ବୁଝାଇ ଦେବେ । ପାଠ ନ ପଢ଼ିଥିବା ଅଜା ଆଈ ସେମାନଙ୍କ ନାତି ନାତୁଣୀଙ୍କୁ କହିବେ—'ଆମକୁ ଟିକିଏ ଶୁଣାଇଲ—ଏସବୁ ବହିରେ କଣ ଅଛି । ସେମାନେ ବହିରେ ଲେଖାଯାଇଥିବା ବିଷୟ ବୁଝିଯିବେ । ଯାହାକୁ କୁହନ୍ତି ଘରଆଡ଼େ ଜ୍ଞାନଲାଭ କରିବାର ଗୋଟାଏ ଅନୁକୂଳ ପରିବେଶ ସୃଷ୍ଟି ହୋଇଯିବ ।

Digitized by srujanika@gmail.com

ହରିବାବୁଙ୍କ ମୁହଁରେ ସନ୍ତୋଷର ଭାବ ଫୁଟି ଉଠିଲା । ସେ କହିଲେ——ଯାହାହେଉ ମୋର ଆଜି ତୁମ ଦୁଇ ଜଣଙ୍କ ସାଙ୍ଗରେ ଆସିବାଟା ସାର୍ଥକ ହୋଇଛି । ତୁମର ଭଳି ଯଦି ଶହେ ଜଣ ଏମିତି ବୁଝିଯିବେ ଆଉ କିଛି ଅସୁବିଧା ରହିବ ନାହିଁ ।



Digitized by srujanika@gmail.com